

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୨ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 SEPTEMBER 2021

Vol.No. 32 ■ No. 224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତାଲିବାନ ସହ ଗୁପ୍ତ ବୁଝାମଣା କରିଥିଲା ଆମେରିକା

## ଆମେରିକୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ହୋଇଥିଲା ବୁଝାମଣା





ନୂଆଦିଲ୍ଲୀ,୦୧/୦୯: କନକ ବ୍ୟୁରୋ : ତାଲିବାନ ସହ ଗୁପ୍ତ ବୁଝାମୁଣା କରିଥିଲା ଆମେରିକା । ଆମେରିକୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ହୋଇଥିଲା ବୁଝାମଣା । ଆମେରିକୀୟଙ୍କୁ ସୁରକ୍ଷିତ ଭାବେ ଆଫଗାନିସ୍ତାନରୁ ବାହାର କରିବାକୁ ତାଲିବାନ ସହ ଏହି ଗୁପ୍ତ ବୁଝାମଣା କରିଥିଲା ଆମେରିକା । ଆମେରୀକିୟ ଗଣମାଧମ ସଂସ୍ଥା ସିଏନଏନରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଆମେରିକା ଓ ତାଲିବାନ ମଧ୍ୟରେ ହୋଇଥିଲା ବୁଝାମଣା । ଏହାଦ୍ୱାରା ତାଲିବାନ ଆମେରିକୀୟଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିଥିଲା । ଆମେରିକୀୟ ଗାଡି ଗୁଡିକୁ ଏସକର୍ଟ କରି କାବୁଲ ବିମାନବନ୍ଦର ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ନେଇ ଆସିଥିଲେ ତାଲିବାନୀ । ଦୀର୍ଘ ୨୦ବର୍ଷର ଯୁଦ୍ଧ ସାରି ଆମେରିକା ଫେରିବା ବେଳେ ତାଲିବାନୀଙ୍କ ସହାୟତା ନେଇଛି ଆମେରିକା । କେବଳ ଏତିକି ନୁହେଁ ଆମେରିକୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଏକ ସିକ୍ରେଟ ଗେଟ୍ ମଧ୍ୟ କରାଯାଇଥିଲା । ଏବଂ ଏକ କଲ ସେଂଟର ମଧ୍ୟ କରାଯାଇଥିଲା । ଯାହାଦ୍ୱାରା ଆଫଗାନିସ୍ତାନରେ ଥିବା ଆମେରୀକିୟଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ସୁରକ୍ଷିତ ଭାବେ ଆଫଗାନିସ୍ତାନରୁ ଉଦ୍ଧାର କରାଯାଇପାରିବ । କାବୁଲ ବିମାନବନ୍ଦରରେ ଆକ୍ରମଣ କରିଥିବା ଆଇଏସଆଇଏସ-ଖୋରାସନ ଯୋଗୁଁ ତାଲିବାନ ସହ ଆମେରିକାର ବୁଝାମଣାକୁ ଗୁପ୍ତ ରଖାଯାଇଥିଲା ।

## ମାନସ ଦାସ ବିରୋଧରେ ବଢ଼ିବାରେ ଲାଗିଛି ଅଭିଯୋଗର ଫର୍ଦ୍ଦ

# ଖୋର୍ଦ୍ଧାରୁ ଅନୁଗୁଳ ଯାଏଁ ଥିଲା ମାନବବାଦୀ ସଂଗଠନ ମୁଖ୍ୟର ଆତଙ୍କ



ଭୁବନେଶ୍ୱର,୦୧/୦୯(ନି.ପ୍ର): ଖୋର୍ଦ୍ଧା ବେଗୁନିଆରେ ବାପ, ପୁଅଙ୍କୁ ମାନବବାଦୀ ସଂଗଠନର ଅକଥନୀୟ ନିର୍ଯ୍ୟାତନା ଭିଡିଓ ସାମ୍ନାକୁ ଆସିବା ପରେ ସଂଗଠନର ମୁଖ୍ୟ ମାନସ ଦାସ ବିରୋଧରେ ଅଭିଯୋଗ ବଢ଼ିବାରେ ଲାଗିଛି । ସାମାଜିକ ସୁରକ୍ଷା ନ୍ୟାୟ ମଂଚ ନାଁରେ ସଂଗଠନ ଗଢ଼ି ଏହାର ସଦସ୍ୟଙ୍କ ଜରିଆରେ କିଭଳି ଆତଙ୍କ ରାଜ ଚଳାଇଥିଲା ମାନଓ ଦାସ ତାର ଗୋଟିଏ ପରେ ଗୋଟିଏ କାହାଣୀ ସାମ୍ନାକୁ ଆସୁଛି । ମାନସ ଦାସର ମାନବବାଦୀ ସଂଗଠନ କିଭଳି ଅନୁଗୁଳର କୃତାର୍ଥ ନାୟକଙ୍କୁ ପ୍ରବଳ ମାଡ଼ ମାରିଥିଲେ ଓ ବାହାରେ ପ୍ରକାଶ କଲେ ହତ୍ୟା କରିଦେବେ ବୋଲି ଛୁରୀ ଦେଖାଇ ଧମକ ଦେଇଥିଲେ ବୋଲି ସେ କହିଛନ୍ତି ।

# ଆରମ୍ଭରୁ ହଙ୍ଗାମା ପରେ ସ୍ୱାଭାବିକ ହେଲା ବିଧାନସଭା

## ମରୁଡ଼ି ପ୍ରସଙ୍ଗରେ ବିଜେପିର ମୁଲତବୀ ପ୍ରସ୍ତାବ ନେଇ ଗୃହରେ ଚର୍ଚ୍ଚା



ଭୁବନେଶ୍ୱର,୦୧/୦୯(ନି.ପ୍ର): ବିରୋଧୀଙ୍କ ହଟଗୋଳରୁ ଆରମ୍ଭ ହୋଇଥିବା ବିଧାନସଭା ଏବେ ସ୍ୱାଭାବିକ ହୋଇଛି । ମରୁଡ଼ି ପ୍ରସଙ୍ଗରେ ବିଜେପିର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି । ଆଜି ଗୃହକାର୍ଯ୍ୟ ଆରମ୍ଭରୁ ମରୁଡ଼ି କବଳରେ ସାରା ଓଡ଼ିଶା କଲବଲ, ସରକାରଙ୍କ ଯୋଗୁଁ ଦୁର୍ଦ୍ଦଶାରେ ଚାଷୀ କୂଳ ଶୀର୍ଷକରେ ମୁଲତବୀ ଆଲୋଚନା ପାଇଁ ମୁଖ୍ୟ ବିରୋଧୀ ଦଳ ବିଜେପି ପ୍ରସ୍ତାବ ଦେଇଥିଲା । ଏହି ପ୍ରସଙ୍ଗରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁଙ୍କ ଉତ୍ତର ଦାବି କରିଥିଲା । ତେବେ ମରୁଡ଼ି ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଥିଲେ କଂଗ୍ରେସ ସଦସ୍ୟ । ସେପଟେ, ଭିଡିଓ କନଫରେନ୍ସିଂରେ ନବୀନ ନିବାସରୁ ଯୋଡ଼ି ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୃହରେ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, କାର୍ତ୍ତିକ ତରାଇ ଅନ୍ୟ ଦିବଗଂତ ନେତାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ ମୁଖ୍ୟମନ୍ତ୍ରୀ । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏମ୍ସ ହସ୍ପିଟାଲ ବେଡରୁ ଭିଡିଓ କନଫରେନ୍ସରେ ଯୋଡି ହୋଇଛନ୍ତି । ଅନ୍ୟମାନେ ଚାହିଁଲେ ବି ଭିସି ଜରିଆରେ ବିଧାନସଭା ଅଧବେସନରେ ଯୋଡି ହୋଇପାରିବେ ବୋଲି ବାଚସ୍ପତି କହିଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବିଧାନସଭା ଅଧିବେଶନରେ ଯୋଗ ଦେଲେ ବିରୋଧୀ ଦଳର ନେତା

ଭୁବନେଶ୍ୱର,୦୧/୦୯(ନି.ପ୍ର): ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଅସୁସ୍ଥତା ସତ୍ତ୍ୱେ ଡାକ୍ତରଖାନାରୁ ଭର୍ଚୁଆଲି ବିଧାନସଭା ଅଧିବେଶନରେ ଯୋଗ ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହୋଇନାହିଁ। କିନ୍ତୁ ଲୋକମାନେ ମୋତେ ଦେଇଥିବା ଦାୟିତ୍ୱ ସବୁବେଳେ ମୋର ପ୍ରାଥମିକତାରେ ରହିଆସିଛି । ବିଧାନସଭାର ଏହି ଅଧିବେଶନରେ ମୁଁ ଗୃହରେ ଉପସ୍ଥିତ ହୋଇ ନପାରିଲେ ମଧ୍ୟ ଡାକ୍ତରଖାନାରୁ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହିବି ଏବଂ ଓଡ଼ିଶାର ଲୋକଙ୍କ ସମସ୍ୟା ସବୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି । ଜୟ ହିନ୍ଦ ।

# ପ୍ରଥମ ଥର ପାଇଁ ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ କୁଇଜ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୧/୦୯ (ନି.ପ୍ର): ସମାଜରେ ସକରାତ୍ମକ ଭାବନା ଆଣିବା ପାଇଁ ଆମକୁ ଫିଟ୍ ରହିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ଫିଟ୍ ରଖିବା ପାଇଁ ସବୁପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ପ୍ରଥମ ଥର ପାଇଁ ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ କୁଇଜ'ର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କ୍ରୀଡାର ପ୍ରୋତ୍ସାହନ ଏବଂ ଲୋକପ୍ରିୟ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଥିବା ଦୂରଦୃଷ୍ଟି ଆଧାରରେ ଶ୍ରୀ ପ୍ରଧାନ ସ୍କୁଲ ପ୍ରିନ୍ସିପାଲ ଏବଂ ଛାତ୍ରଛାତ୍ରୀଙ୍କୁ ଏହି ଫିଟ୍ ଇଣ୍ଡିଆ କୁଇଜରେ ପଞ୍ଜିକରଣ କରି ଅଂଶଗ୍ରହଣ କରି ଏକ ସୁସ୍ଥ ଭାରତ ପାଇଁ ଫିଟ୍ ଇଣ୍ଡିଆ ମିଶନରେ ସାମିଲ ହେବା ପାଇଁ ଶ୍ରୀ ପ୍ରଧାନ ପ୍ରୋତ୍ସାହିତ କରିଛନ୍ତି । କ୍ରୀଡା, ଶିକ୍ଷା ଏବଂ କ୍ରୀଡା ପରମ୍ପରାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ଯାତ୍ରାରେ ଆମର ଖେଳାଳୀମାନେ ଆମ ଦେଶ ପାଇଁ ଗୋରବ ଆଣନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ କହିଛନ୍ତି। ଟୋକିଓ ଅଲମ୍ପିକରେ ବ୍ୟାଡମିଂଟନ ଖେଳାଳି ପି.ଭି ସିନ୍ଧୁ ଏବଂ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ନୀରଜ ଚୋପ୍ରାଙ୍କ ଭଳି ଅନେକ ଖେଳାଳି ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ତେଣୁ ଦେଶରେ ଶିକ୍ଷା ଏବଂ କ୍ରୀଡ଼ାକୁ ଯୋଡ଼ି ନୂଆ ଢ଼ାଂଚା ପ୍ରସ୍ତୁତ କରିବା ପାଇଁ ପ୍ରଥମ ଥର ପାଇଁ ଶିକ୍ଷା ମନ୍ତ୍ରଣାଳୟ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ▶▶ପୃଷ୍ଠା ୭

## ରାଜ୍ୟରେ ୬ଟି ସିଭିଲ ଜଜ କୋର୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୦୧/୦୯ (ନି.ପ୍ର): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୁଧବାର ରାଜ୍ୟରେ କେତେକ ସିଭିଲ ଜଜ କୋର୍ଟ (ଜେଏଫ୍ଏମ୍‌ସି)ର ଉଦ୍‌ଘାଟନ କରିଛନ୍ତି । ଏହି କୋର୍ଟଗୁଡ଼ିକ ଯଥାକ୍ରମେ କେଉଁଝର ଜିଲ୍ଲାର ତେଲକୋଇ, ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା, ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ମୋରଡ଼ା ଏବଂ ଯଶିପୁର ଓ ନବରଙ୍ଗପୁର ଜିଲ୍ଲାର ଝରିଗାଁଠାରେ କାର୍ଯ୍ୟ କରିବ । ଏହି ଉଦ୍‌ଘାଟନୀ ଉତ୍ସବରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍. ପୂଜାହାରୀ, ଜଷ୍ଟିସ୍ କେ. ଆର. ମହାପାତ୍ର, ଜଷ୍ଟିସ ବି.ପି. ରାଉତରାୟ, ଜଷ୍ଟିସ ଏସ୍.କେ. ପାଣିଗ୍ରାହୀ ଏବଂ ସଂପୃକ୍ତ ଜିଲ୍ଲାର ପ୍ରଶାସନିକ ବିଚାରପତିମାନେ ଉପସ୍ଥିତ ଥିଲେ । ହାଇକୋର୍ଟର ଜଷ୍ଟିସ୍ ବି.ଆର ଷଡ଼ଙ୍ଗୀ, ଜଷ୍ଟିସ୍ ଏସ୍.କେ. ସାହୁ ଏବଂ ଜଷ୍ଟିସ୍ ସାବିତ୍ରୀ ରଥ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ଉଦ୍ ଘାଟନ କାର୍ଯ୍ୟକ୍ରମରେ ମତାମତ ରଖିଥିଲେ ।

## ବ୍ୟାଙ୍କ କର୍ମଚାରୀଙ୍କୁ ବାନ୍ଧି ଲୁଟ୍ କରି ଫେରାର ହେବା ବେଳେ ଧରିପକାଇଲେ ସିକ୍ୟୁରିଟି ଗାର୍ଡ

ଭୁବନେଶ୍ୱର,୦୧/୦୯(ନି.ପ୍ର): ଗ୍ରାହକ ସାଜି ନକଲି ବନ୍ଧୁକ ଦେଖାଇ ବ୍ୟାଙ୍କ ଲୁଟ୍ ଉଦ୍ୟମ । ମାତ୍ର ୧୦ ମିନିଟରେ ବ୍ୟାଙ୍କ ଖାଲି କରିଦେଲା ଲୁଟେରା । ବ୍ୟାଙ୍କ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ହାତ ବାନ୍ଧି ଆଣ୍ଠେଇ ଦେଇଥିଲା ଆଉ ଏହି ସବୁ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ଏହାରି ଭିତରେ ହିରୋ ସାଜି ଲୁଟେରା ସହ ଧସ୍ତାଧସ୍ତି କରିଥିଲେ ସିକ୍ୟୁରିଟି ଗାର୍ଡ । ଶେଷରେ ଧରାପଡିଲା ଲୁଟେରା । ଭୁବନେଶ୍ୱର ଉପକଣ୍ଠ ଅଟଳା ସ୍ଥିତ ଏସବିଆଇ ଶାଖାରେ ଘଟିଥିବା ଏହି ଘଟଣାର ଲାଇଭ ଚିତ୍ରକୁ କଏଦ କରିଛି ସିସିଟିଭି । ସମୟ ଅପରାହ୍ନ ୪ଟା । ଚାଲିଥାଏ ବ୍ୟାଙ୍କ କ୍ଲୋଜିଂ । ବ୍ୟାଙ୍କ କର୍ମଚାରୀ ନିଜ ନିଜ କାମରେ ବ୍ୟସ୍ତ ଥାନ୍ତି । ଆଉ ଗ୍ରାହକ ରୂପରେ ଆସିଥିବା ଲୁଟେରା ଉମାଶଙ୍କର ଥାଏ ବ୍ୟାଙ୍କ ଭିତରେ । କେତେବେଳେ ଟଙ୍କା ଉଠାଇବା ପାଇଁ ତ ପୁଣି କେତେବେଳେ ଋଣ ବିଷୟରେ ପଚାରି ବ୍ୟାଙ୍କ ଭିତରେ ସମୟ କାଟୁଥାଏ । ସମୟ ଅପରାହ୍ନ ୪ଟା ୪୮ ମିନିଟ୍ । ଉମାଶଙ୍କରକୁ ବାହାର କରିବାକୁ ଉଦ୍ୟମ । ଉମାଶଙ୍କରକୁ ବାହାରିବା ପାଇଁ ବ୍ୟାଙ୍କ କର୍ମଚାରୀ ଉଦ୍ୟମ କଲାବେଳେ ବେଶ ଚାଲାକିର ସହ କର୍ମଚାରୀକୁ କବଜା କରିନେଇଥିଲା ଏହି ଲୁଟେରା । ବେକରେ ଛୁରୀ ଲଗାଇ ହାତରେ ବନ୍ଧୁକ ଧରି ଆରମ୍ଭ କରିଥିଲା ଅପରେସନ ବ୍ୟାଙ୍କ ଲୁଟ୍ । ବ୍ୟାଙ୍କ ଭିତରେ ଥିବା ଅନ୍ୟ କର୍ମଚାରୀଙ୍କୁ ଟାର୍ଗେଟ୍ କରିଥିଲା ଲୁଟେରା । ସବୁ କର୍ମଚାରୀଙ୍କୁ ଏକାଠି କରି ଆଣ୍ଠେଇଦେବା ସହ ପଛପଟୁ ହାତକୁ ବାନ୍ଧି ଦେଇଥିଲା । କେହି କିଛି ବୁଝିବା ପୂର୍ବରୁ ଟଙ୍କା ଲୁଟିବା ଆରମ୍ଭ କରିଥିଲା ଉମାଶଙ୍କର । କ୍ୟାସିଅରଙ୍କ ଡ୍ରରୁ ୮ ଲକ୍ଷ ୬୩ ହଜାର ଲୁଟିବା ସହ ଷ୍ଟ୍ରଙ୍ଗ ରୁମରୁ ୮୩ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଗଲା । ହେଲେ ଏହି ସମୟରେ ଭୁଲ କରି ବସିଥିଲା ଉମାଶଙ୍କର । ସିସିଟିଭି ଭାଙ୍ଗିବାକୁ ଉଦ୍ୟମ ସିନା ▶▶ପୃଷ୍ଠା ୭

# ତୃତୀୟ ଲହରରେ ବାପା ମା'ଙ୍କ ମାଧ୍ୟମରେ ପିଲା ହେବେ ସଂକ୍ରମିତ



ଭୁବନେଶ୍ୱର,୦୧/୦୯ (ନି.ପ୍ର): ତୃତୀୟ ଲହରରେ ସଂକ୍ରମଣ ବାପା ମାଆଙ୍କ ମାଧମରେ ପିଲାମାନଙ୍କ ପାଖକୁ ଆସିବ । ତେଣୁ ବାପାମାଆ ସଚେତନ ନହେଲେ ପିଲାମାନଙ୍କୁ ଏହା ସଂକ୍ରମିତ କରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ କଟକଣା ଯାଇଛି ହେଲେ କରୋନା ଯାଇନି । କରୋନା ଭୂତାଣୁ ଆମ ଆଖପାଖରେ ଅଛି ତେଣୁ ସତର୍କ ରହିବାକୁ ପଡିବ। ସମସ୍ତଙ୍କର ଧାରଣା ଅଛି ଟିକା ନେଲେ ସଂକ୍ରମଣ ହେବନି ହେଲେ ଟିକା ନେଲେ ସଂକ୍ରମଣ ସମ୍ଭାବନା ଅଧିକ ଅଛି। ହେଲେ ଟିକା ନେବା ପରେ ସଂକ୍ରମିତ ହେଲେ ଏହାର ଲକ୍ଷଣ ଦେଖାଯିବନି। ଯାହାକୁ ବାପାମାଆ ଆଣି ପିଲାମାନଙ୍କ ଦେହରେ ଛାଡ଼ିବାର ବାହକ ହେବେ । ତେଣୁ ପିଲାମାନେ ଅଧିକ ସଂକ୍ରମିତ ହେବେ । କଟକଣା କୋହଳ ହୋଇଥିବାରୁ ଖାମଖିଆଲ ନ ହୋଇ କୋଭିଡ୍ ନିୟମ ମାନିବା । ଅନ୍ୟପକ୍ଷରେ ରାଜ୍ୟରେ କରୋନା କଟକଣା କୋହଳ ପରେ ପରିବାରର ଦାୟିତ୍ୱ ବଢ଼ିବା ସହ ମନିଟରିଂ ବାଧ୍ୟତାମୂଳକ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। କଟକଣାକୁ ସମେସ୍ତେ ପୂର୍ବପରି ମାନିବାକୁ ପଡ଼ିବାକୁ । କଟକଣା କୋହଳ ପରେ ସଂକ୍ରମଣ ସ୍ଥିତି କ'ଣ ରହୁଛି ତା' ଉପରେ ନଜର ରଖିବାକୁ ପଡ଼ିବ। ସମେସ୍ତେ ହାତ ମିଳାଇଲେ ହିଁ କରୋନାକୁ ରୋକି ହେବ ନହେଲେ ପୁଣି ବିପଦକୁ ନିମନ୍ତ୍ରଣ କରିବା। ମୃତ୍ୟୁ ସଂଖ୍ୟା ଆଜି କିଛି କମିଛି ଆଗକୁ ମଧ କମିପାରେ ।

# ଯୁକ୍ତ ଦୁଇ ଅସନ୍ତୁଷ୍ଟଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା, ୩ରୁ ଅନ୍‌ଲାଇନ୍‌ରେ ଆବେଦନ



ଭୁବନେଶ୍ୱର,୦୧/୦୯(ନି.ପ୍ର): ଯୁକ୍ତ ଦୁଇରେ ଅସନ୍ତୁଷ୍ଟଙ୍କ ଲାଗି ଅଫ୍‌ଲାଇନ୍ ପରୀକ୍ଷା ସୁଯୋଗ। ସେପ୍ଟେମ୍ବର ୩ ତାରିଖରୁ ଅସନ୍ତୁଷ୍ଟ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନ ଲାଗି ୫ ଦିନ ସମୟ ମିଳିବ। ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଦେଖି ପରୀକ୍ଷା ସୂଚୀ ଓ କେନ୍ଦ୍ର ଘୋଷଣା ହେବ। ଯେଉଁମାନେ ଅଫ୍‌ଲାଇନ୍ ପରୀକ୍ଷା ଦେବେ, ସେମାନଙ୍କୁ ବିକଳ୍ପ ମୂଲ୍ୟାୟନରେ ମିଳିଥିବା ମାର୍କ କାଏମ ରହିବନି। ଅଫ୍‌ଲାଇନ୍ ପରୀକ୍ଷା ମାର୍କ ହିଁ ଚୂଡ଼ାନ୍ତ ହେବ। ଆଜି ବସିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇଥିଲା ଯୁକ୍ତ ଦୁଇ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ। ଚଳିତବର୍ଷ ବିଜ୍ଞାନରେ ବିଜ୍ଞାନରେ ୮୯ ହଜାର ୯୫୧ ପିଲା ପାସ୍ କରିଛନ୍ତି। ସେଥିରୁ ୫୫୪୬୮ ପିଲା ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୧୬୯୪୩ ଓ ତୃତୀୟ ଶ୍ରେଣୀରେ ୧୪୬୩୧ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ରେଗୁଲାର ପାସ୍ ହାର ୯୯.୮୮% ରହିଛି। ସେହିପରି ବାଣିଜ୍ୟରେ ୯୪.୯୬ ପ୍ରତିଶତ ପାସ୍ କରିଛନ୍ତି। ବାଣିଜ୍ୟରେ ରେଗୁଲାର ପାସ୍ ହାର ୯୯.୯୫%। ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ପାସ୍ ୮ ହଜାର ୩୫୫ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ପାସ୍ ୫ ହଜାର ୬୯୨ ଓ ତୃତୀୟ ଶ୍ରେଣୀରେ ପାସ୍ ୯୦୬୬ ଜଣ ପିଲା। ପରୀକ୍ଷା ନଦେଇ ପିଲାମାନଙ୍କ ରେଜଲ୍ ?ଟ ପ୍ରକାଶ ପାଇଥିଲା। ଏହାକୁ ନେଇ କେତେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଛାତ୍ରଛାତ୍ରୀଙ୍କ ମନରେ ଥିବା ଅସନ୍ତୋଷ ଦୂର କରିବା ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ।

# ସାର ଅଭାବକୁ ନେଇ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୦୧/୦୯ (ନି.ପ୍ର): ରାଜ୍ୟରେ ସାରର ଅଭାବ ପ୍ରସଙ୍ଗକୁ ନେଇ ବୁଧବାର ଦିନ ବିଜୁ କୃଷକ ଜନତା ଦଳ ପକ୍ଷରୁ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଛି। ଏଥିସହ ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡି ଅଭିଯୋଗ କରିଛି ଯେ କେନ୍ଦ୍ରରୁ ଆବଶ୍ୟକ ସାର ଆସୁନଥିବାରୁ ରାଜ୍ୟରେ ସାରର ଅଭାବ ଦେଖା ଦେଇଛି। ଯାହା ଫଳରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଆବଶ୍ୟକ ସାର ପାଇଁ ଦାବି କରି କେନ୍ଦ୍ରକୁ କୃଷି ମନ୍ତ୍ରୀ ଚିଠି ଲେଖିଛନ୍ତି । ମରୁଡ଼ି ସମୟରେ ଚାଷୀ ହତାଶ ହେଉଥିବା ବେଳେ କେନ୍ଦ୍ରର ଏହି ଅବହେଳାକୁ ତୀବ୍ର ବିରୋଧ କରିଛି ବିଜେଡି । ରାଜ୍ୟପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଯୋଜନା ବୋର୍ଡ ଉପାଧ୍ୟକ୍ଷସଂଜୟ ଦାସବର୍ମା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ପ୍ରମୁଖ ରହିଥିଲେ । ସେହିପରି ଏହି ସମାବେଶରେ ଦଳର ବହୁ ବିଧାୟକ , ପୂର୍ବତନ ବିଧାୟକ, ଛାମୁଆ ସଂଗଠନ ସଭାପତି, ଛାତ୍ରନେତା ମାନେ ସାମିଲ ଥିଲେ।

# ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକାରଣୀ ସଦସ୍ୟ ଗୋଲାମ ଜିଲାନି ସମ୍ବର୍ଦ୍ଧିତ

ଧାମନଗର ,୧/୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ସେକ୍ ସିକନ୍ଦର ଅଲ୍ଲୀଙ୍କ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ସହରର ବିଭିନ୍ନ ଅଂଚଳ ପରିକ୍ରମା ପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ସାଂଗଠନିକ ଆଲୋଚନା ଓ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ହେଉଛି ଭାଇଚାରର ସହର ଜିଲ୍ଲାରେ ସଂଖ୍ୟାଲଘୁ ସଂପ୍ରଦାୟର ବିଭିନ୍ନ ସମସ୍ୟା ସଂପର୍କରେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏକ ସାତସୂତ୍ରୀ ପ୍ରଶ୍ନ ରାଜ୍ୟ ସରକାରଙ୍କୁ ସଭାପତି ପଚାରି ଏହାର ଉତ୍ତର ଆଗାମୀ ଦିନରେ ଦେବାପାଇଁ ଦାବି କରିଥିଲେ। ଏହି ଅବସରରେ ବିଜେପି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ନବ ନିଯୁକ୍ତ କାର୍ଯ୍ୟକାରିଣୀ ସଦସ୍ୟ ଗୋଲାମ




ଜିଲାନି ହବିବିଙ୍କୁ ମୋର୍ଚ୍ଚା ସଭାପତି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ସଂଖ୍ୟାଲଘୁ ଜନସାଧାରଣଙ୍କ ପାଇଁ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଠିକ କାର୍ଯ୍ୟ କରୁଛି। ଆଗାମି ଦିନରେ ଏହା ଆହୁରି ଫଳପ୍ରଦ ହେବ ବୋଲି ମୋର୍ଚ୍ଚାର ରାଜ୍ୟ ସଭାପତି ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ। ଯେଉଁ ସାତସୂତ୍ରୀ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ଏହାକୁ ସମର୍ଥନ ଜଣାଇ ସଂଖ୍ୟାଲଘୁଙ୍କ ହିତରେ ଆସିବ ବୋଲି ଜିଲ୍ଲାନୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ଡାଃ ପ୍ରଦୀପ ନାୟକ, ବିଜେପି ଜିଲ୍ଲା ସଭାପତି ହେମନ୍ତ କୁମାର ପାଢୀ, ଧାମନଗର ବିଧାୟକଙ୍କ ସୁପୁତ୍ର ଯୁବ ନେତା ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲା ବିଜେପି ସଂଖ୍ୟାଲଘୁ ସଭାପତି ଏମଡି ସବର ଅଲ୍ଲୀଙ୍କ ସମେତ ଜିଲ୍ଲାର ବହୁ ନେତା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନରେ ରହିଛି କ୍ୟାନସର ମେଡିସିନ୍

ସମ୍ବଲପୁର,୧/୯ (ନି.ପ୍ର): ଏଲୋପେଥିକ୍ ମେଡିସିନ୍ ଦେହରେ ଥିବା କ୍ୟାନସର ସେଲ୍ ସହ ଭଲ ସେଲକୁ ମାରିଦେଇଥାଏ। ହେଲେ ଓଡ଼ିଶାର ଗନ୍ଧାମାର୍ଦ୍ଦନ ପର୍ବତର ଗଛମାନଙ୍କଠାରୁ କଢାଯାଇଥିବା କେମିକାଲ୍ କେବଳ କ୍ୟାନସର ସେଲକୁ ମାରିଦେଉଥିବା ଦେଖିବାକୁ ମିଳିଛି। ସମ୍ବଲପୁର ବିଶ୍ୱବିଦ୍ୟାୟ ପକ୍ଷରୁ କରାଯାଇଥିବା ରିସର୍ଚ୍ଚରୁ ଏପରି ତଥ୍ୟ ସାମ୍ନାକୁ ଆସିଛି। ବରଗଡ଼ ଜିଲ୍ଲା ସୀମାରେ ରହିଛି ଗନ୍ଧମାର୍ଦ୍ଦନ ପର୍ବତ। ଏଠାରେ ପର୍ବତରେ ରହିଛି ବିଭିନ୍ନ ପ୍ରଜାତିର ଔଷଧୀୟ ଗୁଲ୍ମ ଲତା। ଆଉ ସେହି ସବୁ ପ୍ରଜାତିର ଗଛକୁ ଆଣି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସୃଷ୍ଟି କରାହୋଇଛି ନର୍ସରୀ। ବିଶ୍ୱ ବିଦ୍ୟାଳୟ ଭିତରେ ତିଆରି ହୋଇଥିବା ନର୍ସରୀରେ ଗନ୍ଧମାର୍ଦ୍ଦନ ପର୍ବତରୁ ଆସିଥିବା ୭୫ ପ୍ରଜାତିର ଗଛକୁ ଯତ୍ନର ସହ ବଡ଼ କରାଯାଉଛି। ଏହାକୁ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର Biotechnology, Bio informatics ଆଣ୍ଡ Chemistry ବିଭାଗ ପକ୍ଷରୁ ଚାଲିଛି ଗବେଷଣା। ଟିସୁ କଲଚର ଲ୍ୟାବରେ ଟିସୁ କଲଚର ଜରିଆରେ ସ୍ୱଳ୍ପ ସମୟ ଭିତରେ ଗଛମାନଙ୍କ ସଂଖ୍ୟା ବଢାଯାଉଛି। ଏ ସବୁ କାମରେ ସହଯୋଗ କରୁଛନ୍ତି ୨୫୦ ଜଣ ବୈଦ୍ୟରାଜ। ଏଥିପାଇଁ ବୈଷୟିକ ଜ୍ଞାନକୌଶଳ ସାଙ୍ଗକୁ ଯନ୍ତ୍ରପାତିର ବ୍ୟବହାର କରାଯାଉଛି। ଗନ୍ଧମାର୍ଦ୍ଦନ ପର୍ବତରୁ ଆସିଥିବା ଗୁଳ୍ମ ଲତା ଉପରେ ରିସର୍ଚ୍ଚ ଚାଲିଛି ଗନ୍ଧମାର୍ଦ୍ଦନ ପର୍ବତରୁ ଆସିଥିବା ଗଛରେ ଥିବା ବିଭିନ୍ନ କେମିକାଲକୁ ବାହାର କରାଯାଏ। ପରେ ତାକୁ ପୃଥକ କରାଯାଏ କ୍ୟାନସର ରୋଗୀଠୁ ବାୟୋପ୍ସି ଜରିଆରେ କଢା ହେଇଥିବା ଟିସୁରୁ କ୍ୟାନସର ହୋଇଥିବା ସେଲ୍ ଗୁଡିକୁ ଆଣି ଇନକ୍ୟୁବେଟରରେ ରଖାଯାଏ। ଜୀବନ୍ତ ସେଲ୍‌ରେ ଗଛରୁ ଅଣାହୋଇଥିବା କେମିକାଲକୁ ଲଗାଯାଏ। ପରବର୍ତ୍ତୀ ପର୍ଯ୍ୟାରେ କେତେ ପ୍ରତିଶତ କ୍ୟାନସର ସେଲ୍ ମରୁଛନ୍ତି, ଏହାକୁ ଷ୍ଟଡି କରାଯାଇଥାଏ। ଏହି ପରୀକ୍ଷାର ସଫଳତା ଧୀରେ ଧୀରେ ଦେଖିବାକୁ ମିଳୁଥିବା ରିସର୍ଚ୍ଚ ଫେଲୋମାନେ କହିଛନ୍ତି। ଏଲୋପେଥିକ ଔଷଧ ଦେହରେ ଥିବା କ୍ୟାନସର ସେଲ୍ ସହ ଭଲ ସେଲକୁ ମାରିଦେଇଥାଏ। ହେଲେ ଗନ୍ଧାମାର୍ଦ୍ଦନ ପର୍ବତର ଗଛମାନଙ୍କରୁ କଢାହୋଇଥିବା ଏହି କେମିକାଲ୍ କେବଳ କ୍ୟାନସର ସେଲକୁ ମାରିଦେଉଥିବା ଦେଖିବାକୁ ମିଳିଛି। କେବଳ କ୍ୟାନସର ନୁହଁ, ଫାଇଲେରିଆ, ମେଲେରିଆ, ବ୍ୟାକଟେରିଆ ସଂକ୍ରମଣ ଓ ଡାଇବେଟିସ୍ ଉପରେ ମଧ ଚାଲିଛି ଗବେଷଣା। ବିଶ୍ୱ ବ୍ୟାଙ୍କର ୪ କୋଟି ଟଙ୍କା ସହଯୋଗରେ ସେଣ୍ଟର ଫର ଏକ୍ସିଲେନ୍ସି ଦ୍ୱାରା ୨୦୧୯ ଡିସେମ୍ବର ମାସରେ ଏହି ଗବେଷଣା ଆରମ୍ଭ ହୋଇଥିଲା। ଏହି ପ୍ରୋଜେକ୍ଟର ଅବଧି ରହିଛି ୫ ବର୍ଷ। ଆଉ ଏହାକୁ ସଫଳ କରିବା ପାଇଁ ଦିନରାତି ଲାଗିଛନ୍ତି ୨ଟି ବିଭାଗର ୯ ଜଣା ବୈଜ୍ଞାନିକ ଓ ୧୫ ଜଣ ରିସର୍ଚ୍ଚର।

## ସାମାନ୍ୟ ବର୍ଷାରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଜମି ରହୁଛି ଆଣ୍ଠୁଏ ପାଣି

କେନ୍ଦ୍ରାପଡ଼ା,୧/୯ (ନି.ପ୍ର): ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କାର୍ଯ୍ୟାଳୟ ପ୍ରବେଶ ଦ୍ୱାରରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ଅଭିଯୋଗ ନେଇ ଆସୁଥିବା ସାଧାରଣ ଜନତା ପାଣି କାଦୁଅରେ ପଶି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ କାର୍ଯ୍ୟାଳୟ ସମ୍ମୁଖରେ ସିମେଣ୍ଟ ଟାଇଲ ବିଛା ଯାଇଥିଲେ ମଧ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇ ନଥିବାରୁ ପ୍ରବେଶ ଦ୍ୱାରରେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏହି ସ୍ଥାନରେ ବର୍ଷ ସାରା ବିଭିନ୍ନ ପ୍ରକାର ପ୍ରତିବାଦ ସଭା, ଧାରଣା ଓ ଅନଶନ ଆଦି କରାଯାଉ ଥିବାବେଳେ ପାଣି କାଦୁଅ ପଚପଚ ସ୍ଥାନଟିକୁ ସଫା ସୁତୁରା ରଖିବାରେ ଅବହେଳା କରାଯାଇଛି । ତୁରନ୍ତ ପ୍ରଶାସନ ପକ୍ଷରୁ ଏହି ସ୍ଥାନରୁ ଜଳ ନିଷ୍କାସନ ସୁବିଧା କରା ଯିବାକୁ ସାଧାରଣରେ ଦାବି ହେଉଛି ।

# ନିଖୋଜ ନାବାଳିକା ଉଦ୍ଧାର

କୋରେଇ,୧/୯ (ନି.ପ୍ର): ଗତ ଜାନୁଆରୀ ମାସରୁ ନିଖୋଜ ନାବାଳିକାକୁ ପାଣିକୋଇଲି ପୁଲିସ ଉଦ୍ଧାର କରିବାକୁ ସକ୍ଷମ ହୋଇଛି । ନିଜେ ଥାନାଧିକାରୀ ଶୁସିଲ କୁମାର ନାୟକ କେଉଁଝର ଜିଲ୍ଲାରୁ ନାବାଳିକାକୁ ଉଦ୍ଧାର କରିଛନ୍ତି । ଆଜି ନାବାଳିକାର ଅଦାଲତରେ ୧୬୪ ବୟାନ କରାଯିବ ବୋଲି ତଦନ୍ତାଧିକାରୀ ଏସଆଇ ଚିନ୍ମୟୀ ବେହେରା ପ୍ରକାଶ କରିଛନ୍ତି ।
ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନ୍ଦପୁର ପଂଚାୟତ ସଠିପୁର ଗ୍ରାମର ଜୈନିକ ନାବାଳିକା ଗତ ଜାନୁଆରୀ ମାସରେ ନିଖୋଜ ହୋଇଥିଲେ। ଏନେଇ ଏକ ମାମଲା ୧୩/୨୧ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଗତକାଲି ରାତ୍ରୀ କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ଶ୍ରୀ ନାୟକ କେଉଁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିବିରୁହାଁ ବେଳଦା ଗ୍ରାମର ଭରତ ପାତ୍ରଙ୍କ ପୁଅ ବିଶ୍ୱନାଥଙ୍କ ଘରୁ ନାବାଳିକାକୁ ଉଦ୍ଧାର କରିଛନ୍ତି । ଏଥି ସହିତ ବିଶ୍ୱନାଥକୁ ଆଣି ଘଟଣା ସର୍ମ୍ପକରେ ସମ୍ପୃକ୍ତି ନେଇ ପଚାରାଉଚୁରା ଜାରି ରହିଛି। ଆଜି ଅଦାଲତରେ ୧୬୪ରେ ନାବାଳିକାର ବୟାନ ରେକର୍ଡ଼ ପରେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଜଣାପଡିଛି ।

# ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୧/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅବଦୁଲ ରଉଫ ଖାଁନ ଓ ଶିକ୍ଷା କର୍ମଚାରୀ ବିଷ୍ଣୁ ଚରଣ ମହାନ୍ତି ତାଙ୍କ ଚାକିରୀ କାଳରୁ ଅବସର ନେଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ସଭାପତିତ୍ୱରେ ଅତିଥିଭାବେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା,ବ୍ରହ୍ମବରଦା ଯୁକ୍ତ ତିନିର ଅଧ୍ୟକ୍ଷ ମହେଶ୍ୱର ପାଢୀ, ପ୍ରାକ୍ତନ ସରପଂଚ ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ହରିବନ୍ଧୁ ଗିରି, ଆଲାଉଦ୍ଦିନ ଖାଁ, ଯୁବନେତା ପ୍ରଦୀପ ଦାସ ସ ସେକ୍ ଜାବରୀର ଅଲ୍ଲୀ ପ୍ରମୁଖ ଯୋଗ ଦେଇ ଏହି ଦୁଇ କର୍ମଚାରୀ ଦୀର୍ଘ ଦିନ ହେବ ଶିକ୍ଷା ଦାନ କ୍ଷେତ୍ରରେ ଅନେକ ଅବଦାନ ସହ ବିଦ୍ୟାଳୟର ଅଗ୍ରଗତି ନିମନ୍ତେ ଅନେକ କାର୍ଯ୍ୟ ହାତ ନେଇଥିବା ନେଇ ମତ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ସେମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ସୁଦର୍ଶନ ପୃଷ୍ଟି ଓ ଅଧ୍ୟାପିକା ବନଲତା ଲେଙ୍କା ମାନପତ୍ର ପାଠ କରିଥିଲେ । ପ୍ରଧ୍ୟାପକ ଶିଶିଭୂଷଣ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କେନ୍ଦ୍ରାପଡ଼ା,୧/୯ (ନି.ପ୍ର): ସ୍ୱାୟତ ଶାସନ ଦିବସ ପାଳନ ଅବସରରେ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ନଗର ବାସୀଙ୍କ ବ୍ୟବହାର ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପ ଗୁଡିକୁ ଶିଳାନ୍ୟାସ କରିଥିଲେ । ପୌରସଂସ୍ଥା ପକ୍ଷରୁ ଅଗଷ୍ଟ ୩୧ ଶ୍ୱାୟତ ଶାସନ ଦିବସ କରୋନା କଟକଣା ପାଇଁ ନିରାଡମ୍ବର ଭାବେ ପାଳନ କରାଯାଇଛି । ସକାଳେ ପୌରସଂସ୍ଥାର ମୁଖ୍ୟ ପ୍ରଶାସକ ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତୋଳନ କରି ଏହି ଦିବସର ତାତ୍ପର୍ଯ୍ୟ ଓ ଏହାର ଇତିହାସ ତଥା ଆବଶ୍ୟକତା ଉପରେ ଉପସ୍ଥିତ କର୍ମଚାରୀ ମାନଙ୍କୁ ଉଦ୍‌ବୋଧନ ଦେଇ ସହରବାସୀଙ୍କ ସେବା ଓ ସମସ୍ୟାକୁ ତତ୍ପରତାର ସହ ସମାଧାନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଅପରପକ୍ଷରେ ବିଧାୟକ ଶ୍ରୀ ବେହେରା ଅପରାହ୍ନରେ ବିଭିନ୍ନ ପ୍ରକଳ୍ପ ଯଥା ତହସିଲ ଅଫିସ ନିକଟରେ ଗୋପବନ୍ଧୁ ପାଠାଗାର ଉଦ୍‌ଘାଟନ, ତିନିମୁହାଣୀ ଉଦୟନଗର ଠାରେ ସ୍ମାର୍ଟ ପାର୍କର ଶିଳାନ୍ୟାସ, ରଣପଡା ଶ୍ମଶାନ ଘାଟ ଓ କବରସ୍ଥାନର ନବୀକରଣ କାର୍ଯ୍ୟର ଶିଳାନ୍ୟାସ, ୭ନଂ ୱାର୍ଡରେ ସେଫଟେଜ ଟ୍ରିଟମେଣ୍ଟ ଟ୍ୟାଙ୍କର ଶିଳାନ୍ୟାସ, ବ୍ୟାଟେରୀ ପରିଚାଳିତ ଯାନର ଉଦ୍‌ଘାଟନ କରିଥିଲେ ।

# ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସାମିଲ

କେନ୍ଦ୍ରାପଡ଼ା,୧/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ତରଫରୁ ଆୟୋଜିତ ଏକ ଉତ୍ସବରେ ଜିଲ୍ଲାର ମହାକାଳପଡା ନିର୍ବାଚନ ମଣ୍ଡଳୀର ରାମନଗର ଓ ଖରନାସୀ ପଂଚାୟତର କେତେକ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଗରାପୁର ସ୍ଥିତ ସୌଭାଗ୍ୟ ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରିୟ ଉପ ସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ବୈଦନାଥ ଚାଟାର୍ଜୀ, ଡ଼ଃ କଳ୍ପନା ମଲିକ, ନୃସିଂହ ପ୍ରସାଦ ପତ୍ରୀ, ମହାକାଳପଡା ବିଧାନ ସଭା ନେତା ବିଜୟ ପ୍ରଧାନ, ସୁନାକର ବେହେରା, ସଲିମ ଖାନ, ଶଶାଙ୍କ ଶେଖର ସେଠୀ, ସଂଜୟ ସାହୁ, ଅମିତାବ ସୁଆର, ପ୍ରିୟଦର୍ଶୀନି ନନ୍ଦ, ବିନ୍ଦୁ ସାଗର ଦାସ, ସତ୍ୟ ପ୍ରକାଶ ସାମଲ, ମହାକାଳପଡା ବ୍ଲକ କଂଗ୍ରେସ ସାଧାରଣ ସଂପାଦକ ତରୁଣିକାନ୍ତି କାଞ୍ଜିଲାଲ, ବିଜେଡି ସମର୍ଥିତ କୋର ପଂଚାୟତର ପୂର୍ବତନ ସରପଂଚ ଭରତ ଚନ୍ଦ୍ର ଦାସ, ଶୋଭନ ଆଚାର୍ଯ୍ୟ, ଭିଷ୍ମ ଲେଙ୍କାଙ୍କ ସମେତ ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ, ସରୋଜ ନାୟକ,ଶଶାଙ୍କ ଶେଖର ସେଠୀ, ମିହିର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲାରେ ସରକାରୀ ପୋଖରୀ ଖୋଳାରେ ଦୁର୍ନୀତିର ଗନ୍ଧ

## ବ୍ୟକ୍ତିଗତ ପୋଖରୀକୁ ସରକାରୀ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ: ଦୁର୍ନୀତିକୁ ଜିରୋ ଟଲୋରାନ୍ସ ଘୋଷଣା କେଉଁଠି ?

କେନ୍ଦୁଝର ,୧/୯ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ କେତେବେଳେ ପୋଖରୀ ତ କେତେବେଳେ କୂଆ ଚୋରୀ ଏବଂ ଆଉ କେତେବେଳେ ଲୋକଙ୍କର ବ୍ୟକ୍ତିଗତ ପୋଖରୀକୁ ସରକାରୀ ପୋଖରୀ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିବା ଘଟଣା ଯେଭଳି ବଢିବଢି ଚାଲିଛି ସେଥିରେ ଅବଶ୍ୟ କେହି ଲାଭବାନ ହୁଅନ୍ତୁ ବା ନ ହୁଅନ୍ତୁ କିଛି ଆସାଧୁ ସରକାରୀବାବୁ ଓ ଠିକାଦାର ଯେ ମାଲେମାଲ ହେଉଛନ୍ତି ଏହାକୁ ସ୍ୱୀକାର କରିବାକୁ ପଡିବ । ରାଜ୍ୟ ମୁଖିଆ , ଦୁର୍ନୀତିକୁ ଜିରୋ ଟଲୋରେନ୍ସ ଭାବେ ଘୋଷଣା କରିବା ସତ୍ୱେ ମଧ୍ୟ ଦୁର୍ନିତି ଯେଭଳି କେନ୍ଦୁଝରର ପିଛା ଛାଡୁନାହଁ ତାହା ସ୍ୱଭାବିକ ଭାବେ ସରକାରୀ ବ୍ୟବସ୍ଥାର ସ୍ୱାଣୁତା ଓ ସ୍ୱଚ୍ଛତା ସହ ଜିଲ୍ଲା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉଠାଇଛି ଅନେକ ପ୍ରଶ୍ନ ।
ଏପରିକି ନେଇ ଆଣି ଥୋଇ ଜାଣିଲେ ଚୋରୀ ବିଦ୍ୟା ଭଲ ଭଳି ନ୍ୟାୟରେ କେନ୍ଦୁଝର ଜିଲ୍ଲାର କିଛି ଅସାଧୁ ସରକାରୀବାବୁ ଓ ଠିକାଦାର ଯେ ଏଥିରେ ବେଶ ପାରଙ୍ଗମ ତାହା ଏହି ଘଟଣାରୁ ପୁଣି ପ୍ରମାଣ ହୋଇଅଛି । ଯାହାର ମୂକ ସାକ୍ଷୀ ହେଉଛି କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ବଡନେଉଳି ଗ୍ରାମ । ଏହି ଗ୍ରାମର ଶେଖର ପାତ୍ର ନିଜସ୍ୱ ଜମିରେ ଦୁଇ ବର୍ଷ ତଳେ ଏକ ପୋଖରୀ ଖୋଳିଥିଲେ। କିନ୍ତୁ ସେହି ପୋଖରୀକୁ ଫାର୍ମପଣ୍ଡ ନାମରେ ଦର୍ଶାଯାଇ ମନେରେଗା ଯୋଜନାରେ ଅନ୍ୟ ଗ୍ରାମର ଲୋକଙ୍କର ଜବକାର୍ଡରେ ୯୨ହଜାର ଦୁଇ ଶହ୩୮ ଟଙ୍କା ହଡପ କରାଯାଇଛି । ଗ୍ରାମର ବିଜୟ ନାଏକଙ୍କର ଜମିରେ ପୋଖରୀର ନାମଗନ୍ଧ ନାହିଁ ହେଲେ ତାଙ୍କ ଜମିରେ ମଧ୍ୟ ଫାର୍ମପଣ୍ଡ ଖୋଳା ହୋଇଥିବା ଦର୍ଶାଯାଇ ହଜାର ହଜାର ଟଙ୍କା ଚଳୁ କରାଯାଇଛି । ଅନୁରୁପ ଭାବେ ୨୦୨୦ରେ ପ୍ରଫୁଲ୍ଲ ବାରିକ ନିଜ ଜମିରେ ଖୋଳିଥିବା ପୋଖରୀକୁ ମଧ୍ୟ ଫାର୍ମପଣ୍ଡ ଦର୍ଶାଯାଇ ସରକାରୀ ଅର୍ଥ ଲୁଟ କରାଯିବା ସହ ଗ୍ରାମର ଅନ୍ୟ କେତେକଙ୍କ ପୋଖରୀକୁ ଫାର୍ମଫଣ୍ଡ ଦର୍ଶାଯିବା ଏବଂ ଆଦୌ ପୋଖରୀ ଖୋଳା ନ ଯାଇ ମଧ୍ୟ , ଖୋଳାଯାଇଥିବା ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଇଥିବା ପ୍ରଫୁଲ୍ଲ ବାରିକ , ବିଜୟ ନାଏକ, ଶେଖର ପାତ୍ର ପ୍ରମୁଖ ଅନେକ ଗ୍ରାମବାସୀ ସିଧା ସଳଖ ଅଭିଯୋଗ କରିବା ସହ ସରକାରୀ ୱେବ୍ ସାଇଡରୁ ଏହି ସମସ୍ତ ତଥ୍ୟ ସେମାନେ ଜାଣିବାକୁ ପାଇଥିବା କହିଛନ୍ତି । କିନ୍ତୁ ଏସଂପର୍କରେ ସେମାନେ ପଂଚାୟତ ସରପଂଚଙ୍କଠାରୁ ଆରମ୍ଭ କରି ଭିଜିଲାନ୍ସ ବିଭାଗ ଆଦି ପ୍ରାୟତଃ ସମସ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ ରହିଥିବା କହିଛନ୍ତି । ତେବେ ଏଭଳି ସ୍ଥିତିରେ ଯଦି ମୁଖ୍ୟମନ୍ତ୍ରୀଙ୍କ ଦୁର୍ନିତି କ୍ଷେତ୍ରରେ ଜିରୋ ଟଲୋରେନ୍ସ ଘୋଷଣା ଗଲା କୁଆଡେ ବୋଲି ପ୍ରଶ୍ନ ଉଠିଲା ଭୁଲ ରହିଲା କେଉଁଠି ? ଅବଶ୍ୟ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାଶଙ୍କର ଏ ସଂପର୍କରେ କୌଣସି ଅଭିଯୋଗ ପାଇନଥିବା ଏବଂ ପାଇଲେ ତଦନ୍ତ କରିବେ ବୋଲି କହିବା କେବଳ ଏକ ବାହୁଲ୍ୟ ମାତ୍ର । କିନ୍ତୁ ଜମି ମାଲିକ ମାନଙ୍କ ପକ୍ଷରୁ ଆସିଥିବା ସେହି ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ଉପରେ ସତରେ କଣ ନୀରପେକ୍ଷ ତଦନ୍ତ ହେବ ଏବଂ ଅସାଧୁ ଅଧିକାରୀ ଦଣ୍ଡିତ ହେବେ ତାହା ଉପରେ ଉଠିଛି ଅନେକ ପ୍ରଶ୍ନ । କିନ୍ତୁ କିଏ ଦେବ ଏହାର ଉତର ?

# ଦଳିତ ଆକ୍ରମଣକାରୀଙ୍କୁ ଗିରଫ ନକଲେ ଆନ୍ଦୋଳନ ଜୋରଦାର ହେବ

କେନ୍ଦ୍ରାପଡ଼ା,୧/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଦଳିତ ମାନଙ୍କ ଉପରେ ଆକ୍ରମଣ ହେଉଥିବା ବେଳେ ପୋଲିସ ପ୍ରଶାସନ ନିରବ ରହୁଥିବାରୁ ଆକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି । ଏହା ଅଭିଯୋଗ କରି ରାଜ୍ୟ ଦଳିତ ମହାସଂଘର ଉପ ସଭାପତି ଅଶୋକ କୁମାର ମଲିକ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଜିଲ୍ଲାର ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା ଥାନାରେ ବହୁ ଦଳିତ ମହିଳା ନିର୍ଯ୍ୟାତନା ମାମଲା ଓ ହତ୍ୟା ମାମଲା ପଡି ରହିଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନଥିବାରୁ ମହାସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇ ପ୍ରେସ ଇସ୍ତାହାର ମାଧମରେ ପ୍ରଶାସନକୁ ଚେତାବନୀ ଦିଆ ଯାଇଛି । ପ୍ରଶାସନ ଦଳିତ ନିର୍ଯ୍ୟାତନା ବନ୍ଦ ନ କରାଇଲେ ଆସନ୍ତା ୧୫ ଦିନ ମଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମିଳିତ ବିବୃତିରେ ପ୍ରକାଶ କରାଯାଇଛି । ରାଜ୍ୟ ଉପଦେଷ୍ଟା ରବିନ୍ଦ୍ର ସେଠୀ, ଅମୀୟ ସେଠୀ, କଳ୍ପତରୁ ମଲିକ, ଦିଲିପ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୫୫୦ ବସ୍ତା ୟୁରିଆ ସାର ଗାଏବ: ସନ୍ଦେହ ଘେରରେ କୃଷି ବିଭାଗ ଓ ଗୋଦାମ ମାଲିକ !

ରେଢ଼ାଖୋଲ ,୧/୯ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ଅଭାବୀ ଭିତରେ ୫୫୦ ବସ୍ତା ୟୁରିଆ ସାର ଗାଏବ ହୋଇଯାଇଛି। ବେଆଇନ୍ ଭାବେ ଗଚ୍ଛିତ ଥିବା ଜାଣିପାରି ରେଢ଼ାଖୋଲ କୃଷି ଅଧିକାରୀ ଏକ ଗୋଦାମରେ ଯାଞ୍ଚ ନକରି ବାହାର ପର୍ଶ୍ୱରୁ ତାଲା ପକାଇ ଦେଇଥିଲେ। ତା'ପର ଦିନ ଗଲା ବେଳକୁ ଗୋଦାମ ଖାଲି। ସାର ଚୋରି ହୋଇଥିବା ନେଇ କୃଷି ବିଭାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଗୋଦାମରେ ସାର ଥିଲା ତ ? ରାଣିବେଢା ଗାଁରେ ବେଆଇନ୍ ଭାବେ ଏକ ଗୋଦାମରେ ୫୫୦ ବସ୍ତା ୟୁରିଆ ସାର ଥିବା ଜାଣିବାକୁ ପାଇଥିଲା କୃଷି ବିଭାଗ। ତା'ପରେ କୃଷି ବିଭାଗର ଫର୍ଟିଲାଇଜର ଇନ୍ସପେକ୍ଟର ଯାଞ୍ଚ କରିବାକୁ ଯାଇଥିଲେ। ମାତ୍ର ଗୋଦାମ ଘର ମାଲିକଙ୍କୁ ପାଇନଥିଲେ। ଏପରିକି ଚାବି ମଧ ପାଇନଥିଲେ। ତେଣୁ ଗୋଦାମ ଯାଞ୍ଚ ନକରି ତାଲା ଉପରେ ଆଉ ଗୋଟିଏ ତାଲା ପକାଇ ପଳାଇ ଆସିଥିଲେ।
ଗତ ରବିବାର ଦିନ ସାର ଜବତ କରିବା ପାଇଁ କୃଷି ବିଭାଗ ଓ ପୁଲିସ ମିଳିତ ଭାବେ ଯାଇଥିଲେ। ତାଲା ଭାଙ୍ଗି ଦେଖିଲା ବେଳକୁ ଗୋଦାମ ଘର ଖାଲି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ସାର ଥିଲା ପରି ଲାଗୁଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ଗୋଦାମରେ ସାର ଥିଲା ନା ନଥିଲା। ଯଦି ଗୋଦାମରେ ସାର ଥିଲା, ତାହାହେଲେ ଗାଏବ ହେଲା କେମିତି ? ଏମିତି ଅନେକ ପ୍ରଶ୍ନ ଜାଲରେ ଛନ୍ଦି ହୋଇ ପଡ଼ିଛି ରେଢ଼ାଖୋଲ କୃଷି ବିଭାଗ। ଗୋଦାମରେ ସାର ନପାଇ କୃଷି ବିଭାଗ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲା। ୫୫୦ ବସ୍ତା ସାର ଚୋରି ହୋଇଥିବା ନେଇ ଗୋଦାମ ମାଲିକ କ୍ଷମାନିଧି ସ୍ୱାଇଁଙ୍କ ବିରୋଧରେ ଏଫ୍‌ଆଇଆର ଦେଇଥିଲା। ପୁଲିସ ଗୋଦାମ ମାଲିକ କ୍ଷମାନିଧି ସ୍ୱାଇଁଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ସାର ଗୋଦାମଟି ଆଜବେଷ୍ଟସ୍ ଘର। ଗୋଦାମର ଆଗ ଓ ପଛ ପାର୍ଶ୍ୱରେ ଦୁଇଟି ଦ୍ୱାର ରହିଛି। ଯଦି ଗୋଦାମରୁ ଚୋରି ହୋଇଥିବା ତାହାହେଲେ ଆଜବେଷ୍ଟସ୍ ଖୋଲି ସାର ଲୁଟ୍ ହୋଇଥିବା ସନ୍ଦେହ କରାଯାଉଛି। ଗୋଦାମ ମାଲିକ ଫେରାର ଥିବାରୁ ଡାଲ୍ ମେ କୁଛ୍ କାଲା ଥିଲା ପରି ସନ୍ଦେହ କରାଯାଉଛି।
ସେପଟେ କୃଷି ବିଭାଗ ମଧ କମ୍ ସନ୍ଦେହ ଘେରରେ ନାହିଁ। କୃଷି ବିଭାଗ ଗୋଦାମରେ ତାଲା ପକାଇବା ପୂର୍ବରୁ ଯାଞ୍ଚ କରିବାର ଥିଲା। ମାତ୍ର କୃଷି ବିଭାଗ ତାହା ନକରି କେବଳ ନିଜ ଗୋଇନ୍ଦା ତଥ୍ୟ ଆଧାରରେ ତାଲା ଉପରେ ତାଲା ପକାଇ ପଳାଇ ଆସିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ପ୍ରକୃତରେ ଗୋଦାମରେ ସାର ଥିଲା ତ ଯଦି ଥିଲା ଗଲା କୁଆଡେ ?

## ଯୁବକର ସନ୍ଦେହଜନକ ମୃତ୍ୟୁ

ମୁଖୀଗୁଡା,୧/୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପଟଣା ଥାନା ଅନ୍ତର୍ଗତ ଧନସୁଲି ଗ୍ରାମର ସୁରେନ ଦୁର୍ଗା (୩୨)ଙ୍କ ସନ୍ଧେହଜଣକ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ସୁରେନ ଚାନ୍ଦପୁର ଗ୍ରାମର ସୁଧୀର ସ୍ୱାଇଁଙ୍କ ପାଖରେ ଡ୍ରାଇଭର ଭାବେ କାମକରୁଥିଲେ। ସେ ଆଜି ସକାଳ ୮ଟା ସମୟରେ ଘରୁ ବାହାରି କାମ କରିବା ପାଇଁ ସୁଧୀରଙ୍କ ଘରକୁ ଟ୍ରାକ୍ଟର ଚଳାଇବା ଯାଇଥିଲେ। କିନ୍ତୁ ସୁଧୀର ତାଙ୍କୁ କ୍ଷେତ ରେ କାମ କରୁଥିବା ମଜୁରିଆ ମାନଙ୍କୁ କାମ ଦେଖିବା ପାଇଁ କହିଥିଲେ। କାମ ଦେଖୁଥିବା ବେଳେ ସୁଧୀର ହଠାତ ଅସୁସ୍ଥ ହୋଇ ମୂର୍ଚ୍ଛିତ ହୋଇଥିଲେ। ପରେ ତାଙ୍କୁ ପରିବାର ଲୋକେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ଟ୍ରାନ୍ସଫର୍ମର ପୋଡିବାର ତିନିଦିନ ପରେ ବି ଲାଗିନି ନୂତନ ଟ୍ରାନ୍ସଫର୍ମର

ମୁଖୀଗୁଡା,୧/୯ (ନି.ପ୍ର): ମୁଖୀଗୁଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ନିକଟର ଟ୍ରାନ୍ସଫର୍ମର ପୋଡିବାର ତିନିଦିନ ପରେ ମଧ ନୂତନ ଟ୍ରାନ୍ସଫର୍ମର ଲଗା ଯାଇ ନାହିଁ କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରା ଯାଇ ନଥିବାରୁ ଉପଭୋକ୍ତା ନାହିଁ ନଥିବା ଅସୁବିଧା ର ସମ୍ମୁଖିନ ହୋଉଛନ୍ତି । ଉକ୍ତ ଜାଗାରେ ୨୫୦ କେଭି ର ଟ୍ରାନ୍ସଫର୍ମର ଲାଗି ଥିଲା ଗତ ବର୍ଷ ଖରାପ ହେବା ପରେ ୧୦୦କେଭି ର ଟ୍ରାନ୍ସଫର୍ମର ଲଗାଯାଇ କାମଚଲା ଯାଉଥିଲା ସେଥିପାଇଁ ଏଭଳି ଅବସ୍ଥା ହେଲା ବୋଲି ଉପଭୋକ୍ତା ମାନେ ଅଭିଯୋଗ କରିଛନ୍ତି । ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କୁ ଉପଭୋକ୍ତା ଦାବି କରିବାରୁ ବକେୟା ବିଦ୍ୟୁତ ବିଲ ପଇଠ କଲେ ନୂତନ ଟ୍ରାନ୍ସଫର୍ମର ଲାଗିବ ବୋଲି କୁହାଯାଉଛି । ଏବେ ବିଦ୍ୟୁତ ନଥିବାରୁ ବିଏସଏନଲ ଟାୱାର ମଧ୍ୟ କାମ କରୁନଥିବା ବେଳେ ବିଦ୍ୟୁତ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଉଛନ୍ତି ।ନୂତନ ଟ୍ରାନ୍ସଫର୍ମର ଲଗାଇବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହୋଉଛି ।

## ହାତ କଳା ପଡ଼ିବ ନାହିଁ

**ଏବେ ଯେଉଁ ଋତୁ ହୋଇଥିଲେ ଖରା ଖୁବ୍ ଟାଣ ଲାଗୁଛି । ଗ୍ଲୋଭ୍ସ ନପିନ୍ଧି ଯିବା ଆସିବା କଲେ ହାତ କଳାପଡ଼ିଯାଉଛି । ବିଶେଷକରି ସାଇକଲ କିମ୍ୱା ଗାଡ଼ି ଚଳାଉଥିଲେ ହାତ କଳା ପଡ଼ିବା ସ୍ୱାଭାବିକ । ଯୁବତୀମାନଙ୍କର ଏହା ଏକ ବଡ଼ ସମସ୍ୟା ।**

◆ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ ଅଳ୍ପ ଲେମ୍ବୁରସ ଏବଂ କେଇ ଟୋପା ଗ୍ଲିସେରିନ୍ ମିଶାଇ ହାତରେ ଘଷନ୍ତୁ ।

◆୨ ଚାମଚ ବାଦାମ ରୋଗନ୍, ଗୋଟିଏ ଅଣ୍ଡାର କେଶର, ଚା'ଚାମଚରେ ୧ ଚାମଚ ମହୁ ନେଇ ଭଲଭାବେ ମିଶାନ୍ତୁ । ଏହାକୁ ହାତରେ ଭଲଭାବେ ଘଷି ସୁତା କପଡ଼ାର ଗ୍ଲୋଭ୍ସ ପିନ୍ଧିଦେବେ । ଅଧଘଣ୍ଟା ପରେ ଗ୍ଲୋଭ୍ସ ବାହାର କରି ପାଣିରେ କିଛି ଭିନେଗାର ମିଶାଇ ହାତ ଧୋଇନିଅନ୍ତୁ । ବଳକା ମିଶ୍ରଣ ବୋତଲରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଦେବେ । ଏହା ଦୁଇସପ୍ତାହ ଯାଏ ଖରାପ ହୁଏନି । ଦିନକୁ ଦୁଇଥର ଏହି ମିଶ୍ରଣ ବ୍ୟବହାର କରିପାରିବେ ।

◆ଛୋଟ ଚାମଚରେ ୧ ଚାମଚ କ୍ଷୀର ନେଇ ସେଥିରେ କିଛି ବାଦାମ ବଟା, ଟୋପାଏ ଲେମ୍ବୁରସ, ଦୁଇଟୋପା ଗ୍ଲିସେରିନ୍ ଏବଂ ଦୁଇଟୋପା ଗୋଲାପ ଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ହାତରେ ଲଗାନ୍ତୁ । ସକାଳେ ବେସନ ଏବଂ ପାଣିରେ ଏହାକୁ ଧୋଇଦେବେ ।

◆ଦେଢ଼ ଲିଟର ପାଣିରେ ଫାଳେ ଲେମ୍ବୁର ରସ ମିଶାଇ ଏଥିରେ ୫ ମିନିଟ୍ ହାତ ବୁଡ଼ାଇ ରଖନ୍ତୁ । ଏହାପରେ ପୋଛିଦେବେ ।

◆ଅଧା ଚାମଚ ସୈନ୍ଧବ ଲବଣ, ୫-୬ ଟୋପା ଲେମ୍ବୁ ରସ, ଅଧା ଚାମଚ ଅଲିଭ୍ ତେଲ ନେଇ ଭଲଭାବେ ମିଶାଇ ହାତରେ ଗୋଲ୍‌ଗୋଲ୍ କରି ମାଲିସ୍ କରନ୍ତୁ । ଏହା ମୃତ ତ୍ୱଚା ବାହାର କରି ହାତକୁ ଗୋରା କରିଦେବ ।







## ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➢ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➢କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➢ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।




➢ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।






➢ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➢ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➢ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

## ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ୍ୟ ଅନ୍ତର ଦେଖା ଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ ।




## ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ:**
ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ୱା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।

**ପ୍ରସ୍ତୁତି :**
ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ୱା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।



## ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

**ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ୍ୟ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ୍ୟ ଗ୍ରହଣ କରିବନାହିଁ ।**





↔ ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେପଳେ ଅନ୍ୟ କଥା କହି ଭୂଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।

↔ ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।

↔ ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।

↔ ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।

↔ ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ୱା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

## ନେଲପଲିସ୍ ଲଗାଇବାର ସହଜ ଉପାୟ



ନେଲପଲିସ୍ ଲଗାଇବାରେ ଏତେ ସମୟ ଖର୍ଚ୍ଚ କରିବା ପରେ ମଧ୍ୟ ଓ ପାର୍ଲରରେ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଆମେ କରିଥିବା ମାନିକ୍ୟୋର ଖରାପ ହୋଇଯାଏ । ତେବେ କେତୋଟି ସହଜ ଉପାୟରେ ଆପଣ ଆପଣଙ୍କର ମାନିକ୍ୟୋରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିପାରିବେ । ଆପଣ ଯଦି କୌଣସି ପ୍ରଫେସନାଲ ଠାରୁ ନେଲ୍ ପଲିସ୍ ଲଗାଉଛନ୍ତି ତେବେ ସେ ପ୍ରଥମେ ଆପଣଙ୍କ ନଖ ସଫା କରୁଥିବେ । ନେଲ୍‌ପଲିସ୍ ଲଗାନଯାଇଥିଲେ ମଧ୍ୟ ନେଲ୍‌ପଲିସ ରିମୁଭର ନିଶ୍ଚୟ ଲଗାଉଥିବେ । ସେଥିପାଇଁ ନେଲପଲିସ୍ ଲଗାଇବା ପୂର୍ବରୁ ଭଲ କ୍ୱାଲିଟିର ନେଲ୍‌ପଲିସ ରିମୁଭର ଦ୍ୱାରା ନଖ ସଫା କରନ୍ତୁ । ନଖ ସଫା କରିବା ପୂର୍ବରୁ ନଖକୁ ବେସ୍ କୋଟ ସାହାଯ୍ୟରେ ପ୍ରସ୍ତୁତ କରନ୍ତୁ ।

ଜାଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହା ସତ ଯେ ପତଳା କୋଟ୍‌ସ ଡେରିରେ ଉଠିଥାଏ । ସେଥିପାଇଁ ଦୁଇଟି ମୋଟା କୋଟ୍ ବଦଳରେ ତିନୋଟି ପତଳା କୋଟ୍‌ସ ଲଗାନ୍ତୁ । ସେଥିରେ ଦୁଇଟି କୋଟସ୍ କମ୍ ସମୟ ମଧ୍ୟରେ ଶୁଖିଯିବ ଓ ନେଲ୍ ପଲିସ୍ ଲଗାଇବା ସମୟରେ ବବଲ୍ସ ଉଠିବାର ଆଶଙ୍କା ମଧ୍ୟ ରହିବନି । ନେଲ୍ ପଲିସ୍ ଭଲ କ୍ୱାଲିଟିର ହେବା ଆବଶ୍ୟକ । ନେଲ୍ ପଲିସ୍ ଲଗାଇବା ପୂର୍ବରୁ ଟିପ୍‌କୁ ପଲିସ୍ କରିବାକୁ ଭୁଲନ୍ତୁ ନାହିଁ । ଏଥିରେ ମଧ୍ୟ ନେଲ୍ ପଲିସ୍ ଉଠିବାର ଭୟ ରହିବ ନାହିଁ । ଯଦି ଅପାଣ ଶିମରର ବ୍ୟବହାର କରୁଛନ୍ତି ତେବେ ଟିପ୍‌ସରେ କିଛି ସ୍ୱାରକଲ୍ସ ଛିଡକାଇ ଦିଅନ୍ତୁ । ଟପ୍ କୋଟ୍ ସବୁବେଳେ ମାନୀକ୍ୟୋରର ଲାଇଫ୍ ବଢାଇଥାଏ । ଆପଣ ବେସ୍ କୋଟ୍‌କୁ ଟପ୍‌କୋଟ୍ ପରି ବ୍ୟବହାର କରିପାରିବେ । ନଖର ସାଇଡରେ ଓ ତା'ର ଚାରିପାଖ ଓ ଟପ୍‌କୋଟ୍‌କୁ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ । ନଖକୁ ଶୁଖିବାକୁ ବହୁତ ସମୟ ଲାଗେ ଓ ନେଲପଲିସ୍ ଶୁଖିଯିବା ପରେ ନଖକୁ ଥଣ୍ଡା ପାଣିରେ ବୁଡାଇ ଦିଅନ୍ତୁ ଓ ଲେଶନ୍ ଲଗାନ୍ତୁ । ଏଥିରେ ନେଲ୍ ପଲିସ୍ ଚିକ୍‌କଣ ହୋଇଯିବ ।

## ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ ଚୁଟି ସଳଖ ହୋଇଥାଏ ।



ଯଦି ଆପଣଙ୍କ ଚୁଟି ଲମ୍ୱା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ ।

ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା । ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆତଙ୍କବାଦୀଙ୍କ ଭବିଷ୍ୟତ ଚିନ୍ତା...

ବର୍ଷ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ଥିବା ଉଗ୍ର-ବାମପନ୍ଥୀମାନଙ୍କ ସମ୍ପର୍କରେ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ଅପେକ୍ଷାକୃତ କଠୋର ନୀତି ପୋଷଣ କରୁଥିବାର ଦେଖାଯାଉଛି । ପୁଲିସ ଓ ପ୍ରଶାସନର ମାଓପନ୍ଥୀମାନଙ୍କ ସମ୍ପର୍କରେ ଆଭିମୁଖ୍ୟ ପୂର୍ବାପେକ୍ଷା କଠୋର ହେଉଥିବାରୁ ସେମାନଙ୍କ ଭିତରେ କିଛିଟା ଅସହାୟବୋଧ ପରିଲକ୍ଷିତ ହେଉଥିବାର କୁହାଯାଉଥିବା ବେଳେ ସେମାନଙ୍କୁ ଦମନ ଓ ଦୁଷ୍ଟୀକରଣ ପାଇଁ ଯେଉଁ ଦ୍ୱୈତ ନୀତି ଆପଣାଯାଉଛି, ସେଥିରୁ ଅନେକ ସୁଫଳ ମିଳୁଛି । ଏହି ଦାବି ପଛରେ ରହିଛି ଅନେକ କାରଣ । ଏକେ ତ ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସକ୍ରିୟ ରହିଆସିଥିବା ମାଓପନ୍ଥୀମାନେ ପୁଲିସ ଓ ପ୍ରଶାସନ ନିକଟରେ ସଶସ୍ତ୍ର ଆତ୍ମସମର୍ପଣ କରୁଛନ୍ତି, ଦ୍ୱିତୀୟରେ ବଣ ଜଙ୍ଗଲରେ ଲୁଚିଛପି ହିଂସାତ୍ମକ କାର୍ଯ୍ୟ ଚଳାଉଥିବା ଉଗ୍ରପନ୍ଥୀମାନଙ୍କୁ ଏନ୍‌କାଉଣ୍ଟରରେ ନିପାତ କରାଉଛି । ତାହାରି ଭିତରେ ମାଓବାଦୀଦମାନେ ବିସ୍ଫୋରଣ ଘଟାଇ ବହୁ ଧନଜୀବନ ହାନିର କାରଣ ସାଜୁଛନ୍ତି । ବିଶେଷକରି ଯବାନମାନଙ୍କୁ ନେଉଥିବା ଗାଡ଼ିକୁ ଆମ୍ବୁଲାନ୍‌ସ କରିଚାଲିଛନ୍ତି ମାଓପନ୍ଥୀମାନେ । ସରକାରୀ କୋଠାବାଡ଼ିକୁ ବିସ୍ଫୋରଣ ଘଟାଇ ଉଡ଼ାଇ ଦେଉଛନ୍ତି, ବ୍ରିଜ୍‌ଗୁଡ଼ିକୁ ମଧ୍ୟ ଧ୍ୱଂସ କରିଦେଉଛନ୍ତି । ଗସ୍ମାହା ଓ ଛତିଶଗଡ଼ ଗଣସଂହାର ଓ ଅଘଟଣ କରି ମାଓବାଦୀମାନେ କଳା ନଜିର ଛାଡ଼ିଯାଇଛନ୍ତି । ଛତିଶଗଡ଼ ଓ ଝାଡ଼ଖଣ୍ଡରେ ମଝି ମଝିରେ ମାଓବାଦୀମାନେ ନିର୍ବାଚିତ ଲୋକପ୍ରତିନିଧିଦମାନଙ୍କୁ ଅପହରଣ କରିନେଇ ଆତଙ୍କରାଜ ଚଳାଇଥିବା ଖବର ସମସ୍ତଙ୍କ ମନରେ ଭୟ ସଂଚାର କରୁଥିବା ବେଳେ ଓଡ଼ିଶାରେ ପୁଲିସ ଇନ୍‌ଫର୍ମର ବୋଲି ଦର୍ଶାଇ ନିରୀହ ଲୋକମାନଙ୍କୁ ଉଠାଇ ନିଆଯାଉଛି । ପରେ ସେମାନଙ୍କୁ ଜୀବନରେ ମାରିଦେଇ ଶବକୁ ରାସ୍ତାରେ ପକାଇ ଦିଆଯାଉଛି । କେତେକ କ୍ଷେତ୍ରରେ ଅପହୃତମାନଙ୍କୁ କଥିତ ପ୍ରଜାକୋର୍ଟରେ ହାଜର କରାଯାଇ ସେମାନଙ୍କ ବିରୋଧରେ ଶାସ୍ତିବିଧାନ କରାଯାଉଛି । ବରିଷ୍ଠ ଆଇଏଏସ୍ ଅଧିକାରୀ ଭିନିଲ୍ କ୍ରିଷ୍ଣାଙ୍କୁ ମାଓବାଦୀମାନେ ଉଠାଇ ନେଇ କେତେଦିନ ପରେ ଫେରାଇ ଦେଇ ଯେଉଁ ନାଟକ ରଚିଲେ, ତାହା ଅପହରଣ ଇତିହାସରେ ରହିଛି । ମାଓବାଦୀମାନେ ପୁଲିସ ଓ ପ୍ରଶାସନକୁ ବିଭିନ୍ନ ସମୟରେ ସେମାନଙ୍କ କାରନାମାର ଝଲକ ଦେଖାଇବାର କାରଣ ଭିତରେ ସାଧାରଣରେ ସେମାନଙ୍କ ଉପସ୍ଥିତି ଜାହିର କରିବା ଅନ୍ୟତମ । ତାବାବାଦ୍ ଅର୍ଥ ଓ ଅସ୍ତ୍ର ମହଜୁଦ ରଖି ନିଜକୁ ଶକ୍ତିଶାଳୀ କରିବାର ତରିକା ଆପଣାଇବା ସେମାନଙ୍କୁ ଜଣା । ଏହା ଭିତରେ ବିଭିନ୍ନ ଏନ୍‌କାଉଣ୍ଟରରେ ବହୁସଂଖ୍ୟାରେ ମାଓବାଦୀ ମୃତ୍ୟୁବରଣ କରିସାରିଛନ୍ତି । ସେମାନଙ୍କ ସଂଖ୍ୟା ମଧ୍ୟ ଘଟିଛି ବ୍ୟାପକ ହ୍ରାସ । ଅନେକ ଦିଗ୍‌ଭ୍ରଷ୍ଟ ଯୁବକ ଯୁବତୀଙ୍କୁ ମାଓବାଦୀମାନେ ଶୋଷଣ କରୁଥିବାର ଅଭିଯୋଗ ଭିତରେ ସେମାନଙ୍କ ଭିତରୁ ଅନେକ ଆତ୍ମସମର୍ପଣ କରୁଥିବାର ଦେଖାଯାଉଛି । ସେମାନେ କହୁଥିବାର ଶୁଣାଯାଉଛି, ଅଳ୍ପ କିଛି ପାରିଶ୍ରମିକ ଦିଆଯାଇ ଶୋଷଣ କରାଯାଉଛି । ସେମାନଙ୍କର ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଥିବାରୁ ଶିବିର ଛାଡ଼ି ବର୍ଷ ବର୍ଷ ଧରି ରହିଆସୁଥିବା ମାଓବାଦୀମାନଙ୍କର ମୋହଭଙ୍ଗ ହେଉଥିବାର ପୁଲିସବାହିନୀର ମହାନିର୍ଦ୍ଦେଶକ ଅଭୟ ବ୍ରହ୍ମପୁରଠାରେ ପ୍ରକାଶ କରିଛନ୍ତି । ଏଥିରେ ସତ୍ୟତା ରହିଛି, ହେଲେ ଅବଶିଷ୍ଟ ମାଓବାଦୀଦମାନେ ଏଭଳି ଦୁଷ୍ଟବୁଦ୍ଧିସମ୍ପନ୍ନ, ଯେଉଁମାନେ ପୁଲିସ ଡାଳେ ଡାଳେ ଯାଉଥିବା ସମୟରେ ପତରେ ପତରେ ଯିବାର କୌଶଳ ଜାଣନ୍ତି । ସୁତରାଂ, ଆତ୍ମସମର୍ପଣ ପରେ ଥଇଥାନରୁ ମିଳୁଥିବା ସଫଳତା ଯେତେ ମିଳୁଥିବାର କୁହାଯାଉଛି, ତାହା ଶତପ୍ରତିଶତ ହୋଇପାରୁନଥିବା ବୋଲି ଜାଣିବା ଶୁଣିବା ମହଲ କହୁଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ କାର୍ଯ୍ୟ ସମ୍ପର୍କରେ ବ୍ୟାପକ ଜନସଚେତନତା ସହିତ ଯଦି ଉନ୍ନତିମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇପାରନ୍ତା, ତେବେ ଅନ୍ନୁନ୍ନତ ତଥା ଅନଗ୍ରସର ଅଞ୍ଚଳରେ ଥିବା ସମସ୍ୟାର ଉନ୍ମୂଳନ ପାଇଁ ରାସ୍ତା ଖୋଲିଯାଇ ପାରନ୍ତା । ଅନଗ୍ରସରତା ଓ ଦାରିଦ୍ର୍ୟର ସୁଯୋଗ ନେଇ ନିଜ କାୟାବିସ୍ତାର କରୁଥିବା ମାଓବାଦୀଙ୍କୁ କାବୁ କରିବାକୁ ହେଲେ ସୁଚିନ୍ତିତ କାର୍ଯ୍ୟପନ୍ଥା ଆପଣାଇବା ଏକମାତ୍ର ରାସ୍ତା । ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ବେକାରଙ୍କ ଭିତରୁ ବାଛି ବାଛି ମାଓବାଦୀମାନେ କ୍ୟାଡର ରୂପେ ନେଇ ଅସ୍ତ୍ର ତାଲିମ ଦେଇ ଯାବତୀୟ ସମାଜବିରୋଧୀ କାର୍ଯ୍ୟରେ ଲଗାଉଥିବାରୁ ଅନେକ ସମୟରେ ସେମାନଙ୍କର ବିବେକ ଦଂଶନ କରୁଛି । ତାହା ମଧ୍ୟ ଅନୀତି ଓ ଦୁର୍ନୀତି ବିରୋଧରେ 'ଶ୍ରେଣୀ ସଂଗ୍ରାମ' କଥା କହି ଫସାଉଥିବା କମାଣ୍ଡରମାନଙ୍କ କବ୍‌ଜାରେ ରହିବାକୁ ବେଶୀକାଳ ବାଧ କରୁଥାଇନପାରେ । ଏହା ସେମାନଙ୍କର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲିଦେଲା ଭଳି ହେଉଥିବାରୁ ମୋହଭଙ୍ଗର ପ୍ରଧାନ କାରଣ । ସରକାରୀ ନିର୍ମାଣକୁ ବିରୋଧଦ କରିବା ସକାଶେ ଉସ୍କାଯିବା ନେଇ ଯୁବପିଢ଼ିର ଏହି କ୍ୟାଡରମାନଙ୍କ ଭିତରେ ବିଦ୍ରୋହ ଜନ୍ମୁଥିବାରୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ସେମାନଙ୍କ ଭିତରେ ଆସ୍ପୃହା ଜାତ ହେବା ସ୍ୱାଭାବିକ୍ । ସୁତରାଂ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ହିଂସାର ସ୍ଥାନ ନଥିବା ନେଇ ଅସ୍ତ୍ରସଜ୍ଜିତ ମାଓବାଦୀମାନେ ସମାଜ ତଥା ପରିବାର ପାଇଁ ବେଶୀକାଳ ବୋଝ ହେବାକୁ ଆଦୌ ଚାହୁଁନାହାଁନ୍ତି । ତେଣୁ ମୋହଭଙ୍ଗ ସହ ବର୍ଦ୍ଧିଷ୍ଣୁ ଘୃଣ୍ୟନୀତି ପରିହାର କରିବାକୁ ସେମାନେ ଆଗ୍ରହୀ ହେଉଥିବା ସ୍ପଷ୍ଟ ହୋଇଛଇ ବୋଲି କୁହାଯାଇପାରିବ ।

# ଆଫଗାନିସ୍ତାନରେ ଆଲୋକର ଶିଖା ନର୍ଥନ ଆଲିଆନସ



## ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

There should be an Afaganistan where every Afgan finds him or herself happy and I think, that can be only achieved by democracy based consesus-ଲଙ୍କାରେ ହରି ଶବ୍ଦ ଭଳି ଏ କଥା କହିଥିଲେ ତାଲିବାନ ବିରୋଧି ପାଂଜିଶିର ଭାଲିର କମାଣ୍ଡର, ଅହମଦ ସାହା ମାସୁଦ୍, ଯେ କି ମିଳିତ ସରକାର ର ପ୍ରତିରକ୍ଷା ମନ୍ତ୍ରୀ ଥିଲେ ।

ଅନେକ ଜାଣନ୍ତି ନାହିଁ ଯେ ତୀବ୍ର ମୌଳବାଦୀ ତାଲିବାନଙ୍କ ଅଧିକୃତ ଆଫାଗାନିସ୍ଥାନରେ ଗଣତାନ୍ତ୍ରିକ ଚିନ୍ତାଧାରା, ନାରୀ ସ୍ୱାଧିନତା ଓ ଧର୍ମଗତ ଉଦାରତା ଚିନ୍ତାଧାରା ଏବେ ବି ବି ରହିଛି । ସେହି ଦେଶର ତାଲିବାନ ବିରୋଧି ଗଣତନ୍ତ୍ର ପ୍ରେମୀ ମାନେ ଏକ ଆଲିଆନସ ଗଢି ତାଲିବାନଙ୍କ ବିରୁଦ୍ଧରେ ଲଢିବାକୁ ବାହାରିଛନ୍ତି । ସମସ୍ତ ଚେଷ୍ଟା ସତ୍ତ୍ୱେ

ତାଲିବାନ ମାନେ ଆଗଥର ପରି ଆଫାଗାନିସ୍ତାନର କିଛି ଉତ୍ତରାଞ୍ଚଳକୁ ଅଧିକାର କରିପାରି ନାହାନ୍ତି । ସେହିରାଜ୍ୟମାନଙ୍କର ୱାରଲର୍ଡ ମାନେ ନର୍ଥନ ଆଲିଆନସ ବା United National Front for salvation of Afganistan ନାମରେ ଏକ ସାମରିକମେଣ୍ଟ ଗଠନ କରି ତାଲିବାନଙ୍କ ବିରୁଦ୍ଧରେ ଲଢୁଛନ୍ତି । ସେ ଭାଲିରେ ପଶି ଥରେ ତିନିହଜାର ତାଲିବାନଙ୍କ ମୃତ୍ୟୁ ହେଲା ପରେ ସେମାନେ ଆଉ ଆକ୍ରମଣର ସାହାସ କରୁନାହାଁନ୍ତି ।

ଆଲିଆନସର ଇତିହାସ: ୧୯୯୨ ମସିହାରେ ମୁଜାହିଦ ମାନେ ଋଷିଆର ସୈନ୍ୟମାନଙ୍କୁ ବିତାଡିତ କରି କାବୁଲ ରାଜଧାନୀ ଅଧିକାର କଲେ। ସେମାନେ ପେଶୱାର ଠାରେ ମିଳିତ ହୋଇ ଗାଣତାନ୍ତ୍ରୀକ ୟୁନାଇଟେଡ ଫ୍ରଣ୍ଟ ମିଳିତ ସରକାର ଗଠନ ପାଇଁ ନିଷ୍ପତି ନେଲେ । ବୁରାହୁଦିନ ରାବାନୀ ପ୍ରେସିଡେଣ୍ଟ ଓ ଅହମଦ ମାସୁଦ ପ୍ରତିରକ୍ଷା ମନ୍ତ୍ରୀ ହେଲେ । ସରକାର ନାମ ଦିଆଗଲା ଇସଲାମିକ ଷ୍ଟେଟ ଅଫ ଆଫଗାନିସ୍ତାନ । କିଛି ଦିନ ପରେ କିଛି ୱାରଲର୍ଡ (ଗୁଲାବଉଦ୍ଦିନ ହେକମାଟିଆରଙ୍କ ହେଜ-ଇ-ଇସଲାମ ଦଳ) ଶାସନରୁ ଓହରି କାବୁଲ ଉପରେ ଆକ୍ରମଣ ଆରମ୍ଭ କଲେ । ପାକିସ୍ତାନ ଓ ଇରାନ ନିଜର ସ୍ୱାର୍ଥ ପାଇଁ ତାଙ୍କୁ ସାହାଯ୍ୟ କଲେ । କୁହାଯାଏ କାବୁଲର ଅର୍ଦ୍ଧେକ ରକେଟ ମାଡରେ ଧ୍ୱଂସ ହେଲା । ଏହି ଗୃହଯୁଦ୍ଧର ସୁଯୋଗ ନେଇ ଦକ୍ଷିଣ ଆଫାଗାନିସ୍ଥାନରେ କାନ୍ଦାହାର ସହରରେ ମୌଳିବାଦୀ ତାଲିବାନ ଦଳର ଆବିର୍ଭାବ ହେଲା । (୧୯୯୪) । ସେମାନଙ୍କୁ ପାକିସ୍ଥାନ ହାତବାରିଶି କରି ଅସ୍ତ୍ର ଶସ୍ତ୍ର ଓ ସୈନ୍ୟ ସାହାଯ୍ୟ ପଠାଇଲା । ସେମାନେ କାବୁଲଆଡକୁ ମାଡି ଚାଲିଲେ । ସେମାନଙ୍କୁ କାବୁଲ ଉପକଣ୍ଠରେ ମାସୁଦଙ୍କ ସୈନ୍ୟମାନେ ଶୋଚନୀୟ ଭାବେ ପରାସ୍ତ କଲେ । ମାତ୍ର ପାକିସ୍ତାନ ନିଜର କମାଣ୍ଡୋ ପଠାଇ ସେମାନଙ୍କୁ ମଦତ ଦେଲା । ଏତିକି ବେଳେ ଅହମଦ ଦୋସ୍ତମ ନାମକ ଜଣେ କମାଣ୍ଡରଙ୍କ ସହ ମାସୁଦଙ୍କ ବିବାଦ ହେବାରୁ କାବୁଲ ପ୍ରତିରକ୍ଷା ଦାୟିତ୍ୱରେ ଥିବା ମାସୁଦ ୟୁନାଇଟେଡ ଫ୍ରଣ୍ଟର ବିବାଦରେ ବ୍ୟଥିତ ହୋଇ ନିଜର ସୈନ୍ୟ କାବୁଲରୁ ପ୍ରତ୍ୟାହାର କରି ନିଜ ଘର ପାନଶିର ଭ୍ୟାଲିକୁ ଚାଲିଗଲେ । ତାଲିବାନମାନେ ୧୯୯୬ ମସୁହାରେ କାବୁଲ ଅଧିକାର କଲେ । ତାଲିବାନ ମାନେ ଆକ୍ରମଣ କରି ଅନ୍ୟ ରାଜ୍ୟମାନ ଦଖଲ କଲେ ମଧ୍ୟ ପାଂଜିର ଭାଲି ଅପେରାଜେୟ ରହିଲା । ସେମାନେ ଆଲିଆନସର ଅନ୍ୟତମ ଶକ୍ତିଶାଳୀ କମାଣ୍ଡର ଅବଦୁଲ ରସିଦ ଦୋସ୍ତମଙ୍କ ରାଜଧାନୀ ମଜିର-ଇ-ସରିଫ ଅଧିକାର କଲେ । ନିଜ ରାଜ୍ୟରେ ମାସୁଦ ଗଣତନ୍ତ୍ର ଶାସନ ଚଲାଇଲେ । ନାରୀ ମାନଙ୍କୁ ପୂର୍ଣ୍ଣ ସ୍ୱାଧିନତା ଦେଲେ । ସେ ଭାରତର ବନ୍ଧୁ ଥିଲେ ଓ ଭାରତର ଗଣତନ୍ତ୍ର ଶାସନକୁ ପ୍ରଶଂସା କରୁଥିଲେ। ଭାରତ ମଧ୍ୟ ତାଙ୍କୁ ନାନା ଭାବରେ ସାହାଯ୍ୟ ଯୋଗାଉଥିଲା । ତାଙ୍କ ଅଧିନରେ ବାଦଶାକାନ ପ୍ରଦେଶ ରହିଥିଲା, ଯାହା ଆଫାଗାନିସ୍ତାର ୧୦ ଶତକଡା ଥିଲା । ତାଙ୍କୁ ତାଜିକ, ଉଜବେକ, ହାଜିରା ସିଆମାନେ ସମର୍ଥନ କରୁଥିଲେ । ସେ କାଜାକସ୍ତାନର ନିଜ ଘରେ ବିଦେଶୀ ମାନଙ୍କୁ ସାକ୍ଷାତ କରୁଥିଲେ । ୨୦୦୧ ମସିହାରେ ବ୍ରସେଲସ ଠାରେ ଥିବା ୟୁରୋପିୟ ପାର୍ଲିଆମେଣ୍ଟରେ ଏକ ଭାଷଣ ବେଳେ ନିକଟରେ ଏକ ବଡ ଆତଙ୍କୀ ଆକ୍ରମଣର ସୁଚନା ଦେଇଥିଲେ । ତାର ଅଳ୍ପ ଦିନ ପରେ ଆଲକାଇଦା ଆମ୍ଘାତୀଙ୍କ ଦ୍ୱାରା ଟ୍ରେଡ ଟାୱାର ଉପରେ ଆକ୍ରମଣ ହେଲା(୧୧.୯.୨୦୦୧) । ଆମେରିକାର ଟ୍ରେଡ ଟାୱାର ଉପରେ ଆକ୍ରମଣର ଦୁଇଦିନ ଆଗରୁ ଦୁଇଜଣ ଆଲକାଇଦା ଆମ୍ଘାତୀ ସାମ୍ବାଦିକ ପରିଚୟ ଦେଇ ମାସୁଦଙ୍କୁ ହତ୍ୟା କଲେ। ଆଲକାଇଦାକୁ ଆଶ୍ରୟ ଦେଇଥିବାରୁ ଆମେରିକା ନର୍ଥନ ଆଲିଆନସ ସହ ମିଶି ତାଲିବାନଙ୍କ ଉପରେ ଆକ୍ରମଣ କଲା । ଅଳ୍ପ ଦିନ ମଧ୍ୟରେ ତାଲିବାନ ମାନେ ଦେଶଛାଡି ପଳାଇଲେ । ପାକିସ୍ତାନ ବିମାନ ବାହିନୀ ତାଲିବାନଙ୍କୁ ନିଜ ଦେଶ କୁନେଇ ଆଶ୍ରୟ ଦେଲା (Evacuation of Devil) । ଆଫଗାନିସ୍ତାନରେ ପୁଣି ମିଳିତ ସରକାର ଗଠିତ ହେଲା । ନିର୍ବାଚନ ହୋଇ ହାମିଦ କରଜାଇ ପ୍ରେସିଡେଣ୍ଟ ହେଲେ । ତାଙ୍କ ପିତା ତାଲିବାନଙ୍କ ଦ୍ୱାରା ନିହତ ହୋଇଥିଲେ । କମାଣ୍ଡର ମାନଙ୍କୁ ଅସ୍ତ୍ରହୀନ କରି ନେସନାଲ ଆର୍ମି ଗଠନ କରାଗଲା । ଆଫାଗାନିସ୍ତାନରେ ନେସନାଲ ଆର୍ମି ଗଠନ କେଭେ ସଫଳ ହେଇନାହିଁ । ଫଳରେ ଏହା ଦକ୍ଷ ହୋଇ ପାରିଲା ନାହିଁ । ଆମେରିକାର ପୁଣି ପୁରୁଣା ରୋଗ ବାହାରିଲା । ତା ଚାପରେ କାରଜାଇ ତାଲିବାନଙ୍କ ସହ ଗୁପ୍ତରେ ଆଲୋଚନା ଆରମ୍ଭ କଲେ । ତାଲିବାନ ବିରୋଧି ମାନେ ତାଲିବାନଙ୍କ ସହ କୌଣସି ସଂପର୍କ ଚାହୁଁ ନଥିଲେ । ସେମାନେ ସରକାର ଠାରୁ ଦୂରେଇବାକୁ ଲାଗିଲେ । ଏଣେ ପାକିସ୍ଥାନର ଅସ୍ତ୍ର ଓ ସାଉଦିଆରବିଆର ଅର୍ଥରେ ସେମାନେ ସରକାରୀ ସୈନ୍ୟ ଓ ଅନୁଷ୍ଠାନ ଉପରେ ଆକ୍ରମଣ କଲେ । ଆମେରିକାର ସମସ୍ତ ଚେଷ୍ଟା ସତ୍ତ୍ୱେ ତାଲିବାନମାନେ ଅନେକ ଅଞ୍ଚଳ କବଜା କରିନେଲେ । ଶେଷକୁ ଆମେରିକା ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ସୈନ୍ୟ ଅପସାରଣ ଘୋଷଣା କଲା । ଆମେରିକାର ସୈନ୍ୟ ସଂଖ୍ୟା କମିବା ପରେ ତାଲିବାନ ମାନେ ମାଡି ଆସିଲେ ଓ ଅଗଷ୍ଟ ୧୫ ତାରିଖରେ କାବୁଲ କବଜା କରି ଇସଲାମ ଏମିରେଟ ଘୋଷଣା କଲେ । ଆଫାଗାନିସ୍ତାନର ପ୍ରେସିଡେଣ୍ଟ ଦେଶ ଛାଡି ପଳାଇଛନ୍ତି । ତାଲିବାନ ବିରୋଧି ମାନେ ପୁଣି ଏକଯୁଟ ହୋଇ ନର୍ଥନ ଆଲିଆନସ ଗଠନ କରି ତାଲିବାନ ସହ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି । ମାସୁଦଙ୍କ ଭାଇ ଓ ପୁଅ ପାନସାର ଭାଲିର ସୁରକ୍ଷା ଯୋଗାଉଛନ୍ତି । ଅନେକ ଲୋକ ସେଠାରେ ଆଶ୍ରୟ ନେଇଛନ୍ତି । ମାସୁଦଙ୍କ ଘନିଷ୍ଠ ସହେଯାଗୀ ଅବଦୁଲ୍ଲା ଅବଦୁଲ୍ଲା ଏବେ ଆଲିଆନସର ମୁଖ୍ୟ ଅଛନ୍ତି । ଆଫାଗାନିସ୍ତାନରେ ତାଲିବାନ ଶାସନ ଭାରତ ପ୍ରତି ଏକ ଆହ୍ୱାନ । ଭାରତ ତାଲିବାନ ସରକାରକୁ ସ୍ୱିକୃତି ଦେଇନାହିଁ । ସେ କାରଜାଇଙ୍କ ଗଣତାନ୍ତ୍ରୀକ ସରକାରଙ୍କୁ ସ୍ୱିକୃତି ଦେଇଥିଲା । ପାକିସ୍ତାନ ତାଲିବାନର ଦୃଢ ସମର୍ଥକ ଓଏକ ରକମ ଛାୟା ଯୁଦ୍ଧ ଚଳାଉଛି । ତାଲିବାନମାନଙ୍କର ଧର୍ମାନ୍ଧ ଶାସନ ସାରା ବିଶ୍ୱ ପାଇଁ ବିପଦ । ଭାରତ ଆଲିଆନସକୁ ଏଥର ମଧ୍ୟ ସମର୍ଥନ ଦେବ ।ଏହା ତା ପଇଁ ଏକ ସମ୍ମାନର ପ୍ରଶ୍ନ । ବିଶ୍ୱର ସମସ୍ତ ଗଣତନ୍ତ୍ର ପ୍ରେମୀ ରାଷ୍ଟ୍ର ତାଲିବାନର ବିରୋଧ କଲେ ଆଫାଗାନିସ୍ଥାନରୁ ସେମାନଙ୍କର ବିଲୟ ଘଟିବ ।

# ଆତ୍ମା, ପରମାତ୍ମା ଓ ତତ୍ତ୍ୱପୂର୍ଣ୍ଣ ଭଜନ



## ଅମୂଲ୍ୟ କୁମାର ପଣ୍ଡା

ସଭ୍ୟତାର ବିକାଶ ଧାରାରେ ଲୋକ ସଂସ୍କୃତିର ଏକ ବିଶେଷ ଭୂମିକା ରହିଛି । ଏହି କ୍ରମରେ ଲୋକ ସାହିତ୍ୟ, ଭଜନ ଏବଂ ଲୋକ ଗୀତର ମଧ୍ୟ ଏକ ନିରନ୍ତର ଧାରା ରହିଛି । ତେବେ କେତେକ ଲୋକ ସାହିତ୍ୟ ତଥା ଗୀତ ଓ ଭଜନ ଶୁଣିବା ଓ ବୁଝିବା ସାମାଜିକ ଅର୍ଥ ଆମକୁ ଲାଗୁଥିଲେ ବି ତନ୍ମଧ୍ୟରେ ଶରୀର ତତ୍ତ୍ୱ ତଥା ଜୀବ ପରମ କଥା ଲୁକ୍କାୟିତ ଭାବେ ରହିଥଅଛି । ସେହିପରି ପ୍ରସିଦ୍ଧ ଭଜନଟିଏ ହେଲା ରଘୁନାଥ ଦାସଙ୍କ ଦ୍ୱାରା ରଚିତ ଛଅ ପଦ ବିଶିଷ୍ଟ ଗୀତ 'ବୋହୂ ଚାଲି ନ ଜାଣଇ ଗୋ ପାଦ ପଡୁଥାଏ ବଙ୍କା...'ଯାହା ଘରେ ଘରେ ପରିଚିତ। ଆଉ ଏହି ଗୀତକୁ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ ବୋଲି ଥିବାରୁ ଏହା ପ୍ରତି ଜନମାନସରେ ଆଜି ବି ଉଜ୍ଜୀବିତ।

'ବୋହୂ ଚାଲି ନ ଜାଣଇ  
ଗୋ ପାଦ ପଡୁଥାଏ ବଙ୍କା  
ଯେଉଁ ଦିନ ବୋହୂ ସଳଖି  
ଚାଲିବ ଘରେ ପଡ଼ିଯିବ ଡଙ୍କା'

କବି ରଘୁନାଥ ଦାସ ଏଠାରେ ପ୍ରାଣବାୟୁକୁ ଏକ ନବାଗତ ବଧୂ ସହିତ ତୁଳନା କରିଛନ୍ତି । ଏ ଶରୀର ରୂପକ ଘରର ବୋହୂ ହେଉଛି ପ୍ରାଣବାୟୁ । ଶରୀରରେ ପାଞ୍ଚ ବାୟୁ ପ୍ରବାହିତ । ସେମାନେ ହେଲେ ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ । ପ୍ରାଣବାୟୁ ବାମ ନାସାପୁଟ ଓ ଦକ୍ଷିଣ ନାସାପୁଟରେ ପ୍ରବାହିତ। ଏହାକୁ ଚନ୍ଦ୍ରାୟଣ ଓ ସୂର୍ଯ୍ୟାୟଣ କୁହାଯାଏ । ନିଶ୍ୱାସ ପ୍ରଶ୍ୱାସର ଗତିକୁ ପ୍ରାଣବାୟୁ କୁହାଯାଏ । ଏହାର ସ୍ୱାଭାବିକ ଗତି ବାର ଆଙ୍ଗୁଳ ଅର୍ଥାତ୍ ଦ୍ୱାଦଶ ଅଙ୍ଗୁଳି । ନିଶ୍ୱାସରେ ଯାଏ ଦ୍ୱାଦଶ ଆଙ୍ଗୁଳ ଆଉ ପ୍ରଶ୍ୱାସରେ ଆସେ ଦ୍ୱାଦଶ ଆଙ୍ଗୁଳ। ଶରୀରର ଭିନ୍ନ ଭିନ୍ନ କ୍ରିୟାରେ ଭିନ୍ନ ଭିନ୍ନ ଆଙ୍ଗୁଳ ପ୍ରାଣବାୟୁ ପ୍ରବାହିତ ହୁଏ। ବୋହୂର ପାଦ ସୀମିତ ବ୍ୟବଧାନରେ ବାର ଆଙ୍ଗୁଳ ମଧ୍ୟରେ ବଙ୍କେଇ ବଙ୍କେଇ ଚାଲୁଥାଏ ପାଦକୁ ଥାପି ଥାପି । ମାତ୍ର ଯେତେବେଳେ ସିଧା ଚାଳନା କରେ ସେତେବେଳେ ଆମେ କହୁ ଲୋକଟି ଗୋଟିକିଆ ପକାଇଲାଣି, ଉର୍ଦ୍ଧ ନିଶ୍ୱାସ ନେଲାଣି, ଶେଷ ସମୟ ହେଲାଣି ଅର୍ଥାତ ପ୍ରାଣବାୟୁର ବେଗ ବଢିଯାଏ ଓ ପ୍ରାଣବାୟୁ ସଳଖି ଚାଲି ବାର ଆଙ୍ଗୁଳରୁ ତେର ଆଙ୍ଗୁଳ ହୋଇଯାଏ ଆଉ ଶରୀର ଛାଡି ପ୍ରାଣବାୟୁ ଚାଲିଯାଏ। ଆତ୍ମୀୟ ସ୍ୱଜନମାନେ ଡକା ପକାନ୍ତି ଅର୍ଥାତ୍ ବାହୁନି ବାହୁନି କ୍ରନ୍ଦନ ବା ବିଳାପ କରନ୍ତି ।

'ଯେଉଁଦିନ ବୋହୂ ବାପ  
ଘରଠାରୁ ଅଇଲା ଶଶୁର ଘରକୁ  
ଆପଣା ପତିର ସଙ୍ଗେ ସଙ୍ଗ  
ନାହିଁ ରସରେ ରସାଏ ପରକୁ'

ଜୀବାତ୍ମା ମାତୃ ଗର୍ଭରେ ଥିଲା । ଏହା ହିଁ ବୋହୂର ବାପଘର । ବିଶ୍ୱପତି ତାକୁ ମାତୃ ଗର୍ଭରେ ସ୍ଥାନ ଦେଲେ । ମାତୃ ଗର୍ଭରେ ଜୀବ ଥିଲା ବେଳେ ପରମାତ୍ମାଙ୍କୁ ଭଜୁଥିଲା ଓ କହୁଥିଲା ହେ ପ୍ରଭୁ, ଯଦି ମୋତେ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଦେବାର ସୁଯୋଗ ଦିଅନ୍ତି, ତେବେ ମୁଁ ଆପଣଙ୍କୁ ନିରନ୍ତର ଭଜୁଥିବି । ଜୀବ ଯେବେ ଶଶୁର ଘରକୁ ବୋହୂ ହୋଇ ଆସିଲା ଅର୍ଥାତ୍ ମର୍ତ୍ତ୍ୟରେ ଜନ୍ମ ଲାଭ କଲା, ସେତେବେଳେ ସେ ମାତୃ ଗର୍ଭରେ ଆପଣା ପତି ଅର୍ଥାତ୍ ପରମାତ୍ମାଙ୍କୁ ଦେଇଥିବା କଥା ଭୁଲିଗଲା । ସାଂସାରିକ ବନ୍ଧନରେ ବାନ୍ଧି ହୋଇ ସମସ୍ତଙ୍କର ଆନନ୍ଦର କାରଣ ହେଲା ଓ ଆପଣା ପତିର ସଙ୍ଗେ ସଙ୍ଗ ଛାଡ଼ି ଅର୍ଥାତ୍ ନିଜ ପତି ବା ପରମାତ୍ମାଙ୍କୁ ଭୁଲି ସେ ସଂସାର ମୋହ ମାୟାରେ ପଡ଼ି ପରକୁ ଅର୍ଥାତ୍ ସଂସାରର ଲୋକମାନଙ୍କୁ ରସରେ ରସାଇଲା ଓ ନିଜର ଇଷ୍ଟଦେବ ପରମାତ୍ମା ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଭୁଲିଗଲା ।

'ପାଞ୍ଚ ଭଲ ଲୋକ ବୁଝାଇ  
କହିଲେ ନ ବୁଝିଲା ବୋହୂ ତିଳେ  
ଅନ୍ନ ପାଣି ବୋହୂ କିଛି  
ନ ଖାଇଣ ରହିଛି ଶୂନ୍ୟ ଆହାରେ'

ସାମାଜିକ ଅର୍ଥରେ ଗାଆଁର ପାଞ୍ଚ ଜଣ ଭଦ୍ର ଲୋକ ଆସି ବୋହୂକୁ ବୁଝାସୁଝା କଲେ ଅର୍ଥାତ୍ ତାତ୍ତ୍ୱିକ ଅର୍ଥରେ ସେଇ ପାଞ୍ଚ ଭଦ୍ରଲୋକ ହେଲେ ପାଞ୍ଚ ମନ । ସେମାନେ ହେଲେ ମନ, ଅମନ, ବିମନ, କୁମନ ଓ ସୁମନ । ଶରୀର ରୂପକ ବୃକ୍ଷରେ ଆତ୍ମା ଓ ପରମାତ୍ମା ତଥା ଜୀବ ଓ ପରମ ରୂପରେ ଦୁଇଟି ପକ୍ଷୀ ବାସ କରନ୍ତି ଓ ଜୀବ ଭୋକ୍ତା ରୂପେ କର୍ମଫଳ ଭୁଞ୍ଜୁଥାଏ । ଏ ପାଞ୍ଚ ମନ ଯେତେ ଚେଷ୍ଟା କଲେ ମଧ୍ୟ ବୋହୂ ସେମାନଙ୍କ କଥାକୁ ହେୟ କରିଥାଏ । ଅନ୍ନ ପାଣି ବୋହୂ ନ ଖାଇଣ ତଥା ଶୂନ୍ୟ ଆହାରେ ମାନେ ପରମାତ୍ମା ନିଲିପ୍ତ, ନିର୍ବିକାର ଓ ଅନଶନ ରହି ଜୀବର ଗତିବିଧି ଲକ୍ଷ୍ୟ କରନ୍ତି । ଭୋଗ, ଲାଳସା, କାମନା, ବାସନା ଆଦି ସାଂସାରିକ ମାୟା ତାକୁ ସ୍ପର୍ଶ କରି ପାରେ ନାହିଁ । ଏହି ଅର୍ଥରେ ଅତିବଡି ଜଗନ୍ନାଥ ଦାସ ଭାଗବତରେ ଅତି ସୁନ୍ଦର ଭାବରେ ବୁଝାଇ ଲେଖିଲେ -

'ଏକଇ ବୃକ୍ଷେ ହଂସ ଦୁଇ-  
ବସନ୍ତି ମିତ୍ର ଭାବ ବହି  
ସମାନ ବୃକ୍ଷେ ସେ ବସନ୍ତି -  
ଏବେ ଆରକେ ନ ଦେଖନ୍ତି  
ସେ ବୃକ୍ଷେ ଯେତେ ଫଳ ଫଳେ-  
ଏକ ଭୁଞ୍ଜାଇ କର୍ମ ବଳେ  
ଆରକେ ଥାଏ ଭବବାସେ-  
ନିର୍ଲିପ୍ତ ନିରଞ୍ଜନ ଆଶେ'

'ପଚିଶ ନଣନ୍ଦ ଜଞ୍ଜାଳ  
କରନ୍ତି ବୋହୂ ମୋର ବାରୁଆଳୀ  
ବୋହୂ ଦୁରୁ ଦଣ୍ଡୀ ସହି  
ନ ପାରଇ ବୁଲଇ ପଡ଼ିଶା ଓଳି'

ଜୀବାତ୍ମା ରୂପୀ ବୋହୂର ପଚିଶ ନଣନ୍ଦ ହେଲେ ପଚିଶ ପ୍ରକୃତି । ଅର୍ଥାତ୍- ଏକାଦଶ ଇନ୍ଦ୍ରିୟ + ଏକାଦଶ ବିଷୟ + ବୁଦ୍ଧି + ଅହଂ + ମହତ୍ = ୨୫ ପ୍ରକୃତି । ଏମାନେ ହେଲେ :- ନିଦ୍ରା, କ୍ଷୁଧା, ତୃଷ୍ଣା, ଆଳସ୍ୟ, ଆହାର, କ୍ରୋଧ, ଲୋଭ, କାମ, ହାସ୍ୟ, ଲଜ୍ଜା, ହିଂସା, ବୀରତ୍ୱ, ବିଚାର, ବିଚଳିତ, ଶାନ୍ତି, ଅଶାନ୍ତି, କୁଟ, ଗନ୍ଧ, ରସ, ସ୍ପର୍ଶ, ବିତୃଷ୍ଣା, ଭୟ, ଅଭିମାନ, ଲାଳସା ଓ ମୈଥୁନ । ଏହି ନଣନ୍ଦ ମାନେ ବୋହୂକୁ ବାରୁଆଳୀ କରି ଆକ୍ଷେପ କରନ୍ତି । କିନ୍ତୁ ସେ ଦୁର୍ଦ୍ଦଣ୍ଡୀ ବୋହୂ ଏମାନଙ୍କ କଥାକୁ ଭ୍ରୁକ୍ଷେପ ନକରି ମୁକ୍ତ ଭାବେ ସବତ୍ର ଭ୍ରମଣ କରେ । ଅର୍ଥାତ୍ ଆତ୍ମା ଏକ ନିର୍ଦ୍ଦିଷ୍ଟ ଶରୀର ରୂପକ ଘରେ ଆବଦ୍ଧ ନ ରହି ଘଟରୁ ଘଟାନ୍ତର ଓ ଦେହରୁ ଦେହାନ୍ତର ହୋଇ ବୁଲୁଥାଏ ।

'ବୋହୂ ଗୋଟିକ ମୁଁ କରି  
ଆଣିଥିଲି କାଉନ୍ଦା ଘରର ଝିଅ  
ବାଞ୍ଝ କରକଟୀ ନୁହଁଇ ଲମ୍ପଟୀ  
ବୋହୂ ଆଢେ ତିନି ପୁଅ'

ମାତୃଜର ରୂପକ କାଉନ୍ଦା ଘରୁ ବୋହୂ ଆସିଛି । ସେ ବନ୍ଧ୍ୟା ବା ବାଞ୍ଝ ନୁହେଁ କି ମୃତ ବତ୍ସା ନୁହେଁ କି ଦୋଚାରୁଣୀ ବା ବ୍ୟାଭିଚାରଣୀ ମଧ୍ୟ ନୁହେଁ । କାରଣ ସେ ସତ୍ତ୍ୱ ତଥା ସାତ୍ତ୍ୱିକ, ତମ ତଥା ତାମସିକ ଓ ରଜ ତଥା ରାଜସିକ ନାମକ ତିନି ସନ୍ତାନର ଜନନୀ। ପ୍ରତ୍ୟେକ ଜୀବର ଏହି ତିନୋଟି ଗୁଣ ଥାଏ । ଭାଗବତରେ ଏହାକୁ ତିନୋଟି ଦଉଡି ବୋଲି କୁହାଯାଇଛି। ତାହା ହେଲା -

'ତ୍ରିଗୁଣ ରଜ୍ଜୁ କରେ ଧରି -  
ମୃଗୀ ଚରାଏ ନରହରି'।  
ଯେଉଁ ଦଉଡ଼ିକୁ ଧରି  
ପରମାତ୍ମା ଜୀବାତ୍ମାକୁ ନଚାଉଛନ୍ତି ।  
' ପୁଅ ବୋହୂ ଦୁହେଁ ଏକତ୍ର  
ହୋଇଲେ ଚତୁବର୍ଗ ଫଳ ପାଇ  
ରଘୁନାଥ ଦାସ ଭରସା  
କରିଛି ବୋହୂକୁ ଭେଟିବା ପାଇଁ'

ସାମାଜିକ ଅର୍ଥରେ ପୁଅ ବୋହୂଙ୍କର ମନ ମିଳିଲେ ଘର ବୈକୁଣ୍ଠରେ ପରିଣତ ହୋଇଯାଏ । ତାତ୍ତ୍ୱିକ ଅର୍ଥରେ ପୁଅ ବୋହୂଙ୍କର ଏକତ୍ର ଭେଟ ହେବା ଅର୍ଥ ଜୀବାତ୍ମା ସହ ପରମାତ୍ମାଙ୍କ ମିଳନ ହେବା। ଏହି ମିଳନ ହେଲେ ଚତୁବର୍ଗ ଫଳ ପ୍ରାପ୍ତି ହୋଇଥାଏ । ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଲାଭ ହୋଇଥାଏ ଯାହାକୁ ପୁରୁଷାର୍ଥ ମଧ୍ୟ କୁହାଯାଏ ଆଉ ମଣିଷ ଜନ୍ମ ସାର୍ଥକ ହୋଇଥାଏ । ବୋହୂକୁ ଭେଟିବା ପାଇଁ ଅପେକ୍ଷାରେ କବି ଅର୍ଥାତ୍ କବି ରଘୁନାଥ ଦାସ ଆତ୍ମସାକ୍ଷାତକାର ପାଇଁ ଆଶାୟୀ ହୋଇଛନ୍ତି । ଆତ୍ମା ପରମାତ୍ମା ମିଳନ ହୋଇଗଲେ ସେମାନେ ପୁରୁଣା ଘର ତଥା ଶରୀରକୁ ଛାଡ଼ି ନୂଆ ଘର ତଥା ନବକଳେବରକୁ ଚାଲିଯାଆନ୍ତି । ଏହି ପ୍ରସଙ୍ଗରେ କୁହାଯାଇଛି - 'ଜୀବ ପରମ ଦୁହିଁଙ୍କର ବିଚାର - ଚାଲ ଏ ଘରୁ ହୋଇଯିବା ବାହାର'।

+ ଅରଙ୍ଗାବାଦ, ବରୀ, ଯାଜପୁର  
(ମୋ) ୯୯୩୮୯୦୬୦୭୦






## ମନ ବୃନ୍ଦାବନ

### ବିନୟ ଭୂଷଣ ପାଣିଗ୍ରାହୀ

ଅନ୍ତର ଯାହାର ସ୍ୱଚ୍ଛ ନିରିମଳ  
ଲୋଡିବ କାହିଁକି ସେ ଗଙ୍ଗାଜଳ ?  
କଲା କର୍ମ ମତେ ସ୍ୱର୍ଗ ଅବା ନର୍କ  
ଯେମନ୍ତ ପାଦପ ସେମନ୍ତ ଫଳ। (୧)

ଯା'ଅନ୍ତରେ ପ୍ରେମ ସଦା ପଲ୍ଲବିତ  
'ନାହିଁ' ଶବ୍ଦ ମୁଖେ ନଧରେ କେବେ  
ସାଗରକୁ ଜଳ ଦେଉଥିବା ନଈ  
ସ୍ୱଭାବ ହରାଏନାହିଁ ଅଭାବେ । (୨)

ଇନ୍ଦ୍ରିୟ ଲାଳସା ଅଧିନ ଯାହାର  
ଚତୁର୍ଧାମ ତୀର୍ଥ ଯିବ ସେ କିଆଁ,  
ସ୍ୱଗ୍ରାମରେ ଶତ ସୁନ୍ଦରୀ ଥାଆନ୍ତେ  
ଅନ୍ୟତ୍ର ନିର୍ବୋଧ ଖୋଜେ କନିଆ।(୩)

ପରକୁ ଆପଣା କରିଜାଣେ ଯିଏ  
ନିସଙ୍ଗତା ତାକୁ ନପାରେ ଘାରି,  
ଆପଣାପଣରେ ବନ୍ଧା ଜଗବନ୍ଧୁ  
ସଖା-ସଖୀ-ସହଚରି ତାହାରି। (୪)

ଜୀବନକୁ ଯିଏ ବୁଝେ ଯେଉଁପରି  
ଜୀବନକୁ ଭୋଗେ ସେମିତି ସିଏ,  
ଆମ୍ବିଳ ହାତରେ କ୍ଷୀର ପରଖିଲେ  
ଗୁଣଧର୍ମ ତାର ବଦଳିଯାଏ । (୫)

+ ପ୍ଲଟ ନଂ-୩୪୨,ସେକ୍ଟର-୫  
ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧  
(ମୋ)୯୯୩୭୫୪୮୪୩୧ /  
୯୪୩୮୬୭୦୧୨୦

## ମହମ ହୃଦୟ

### ଉର୍ମିଳା ଦାସ

ଏମିତି ବି ଲେଖ ନାହିଁ  
ଅକୁହା କଥାର ପେଡି  
ମୁହଁ ଖୋଲି ଦେବ।  
ସପତଣୀ ଈର୍ଷା ମୋର  
ନିସର୍ଗରେ ମୋ ସାଥିରେ  
ସନ୍ଧି କରି ନେବ ॥

ଏମିତି ବି ଦେଖ ନାହିଁ  
ଜହ୍ନଟା ଲାଜେଇଯାଇ  
ନାଲି ପଡିଯିବ।  
ହୃଦୟର ରୁଦ୍ଧ ଦ୍ୱାରେ  
ଅବେଳରେ,ସପନର  
ଛିଦ୍ର ସୃଷ୍ଟି ହେବ ।।

ଏମିତି ବି କୁହ ନାହିଁ  
ଶବ୍ଦ ସାଗର ତୀରରେ  
ଜୁଆର ଉଠିବ।  
ହୃଦୟକୁ ଛୁଇଁଦେଲେ  
ବିନାମେଘେ, ନୟନରେ  
ବନ୍ୟା ଆସିଯିବ ।।

ଏମିତି ବି ଆଙ୍କ ନାହିଁ  
ଅଲିଭା ମନ ପୃଷ୍ଠାରେ  
ଛାପିହୋଇ ଯିବ ।  
ତୁମ ସ୍ମୃତିର ତାତିରେ  
ମହମ ହୃଦୟ ମୋର  
ନିତି ତରଳିବ ।।

+ (ଶିକ୍ଷୟିତ୍ରୀ)  
ଗୋବିନ୍ଦପୁର, ଟାଙ୍ଗୀ, କଟକ

## ନିଃଶବ୍ଦ ପ୍ରକୃତି

### ପବିତ୍ର କୁମାର ସାହୁ



ସେଦିନ ପ୍ରକୃତି ତରୁଣୀ ମୁଖେ  
ସ୍ମିତହାସ୍ୟ ଭରି  
ଶୀତଳ ଚନ୍ଦନେ ବାସଚ ହଟାଇ,  
ସବୁଜ ନିଃଶ୍ୱାସେ ମୋହିନୀ ଠାଣୀରେ  
ଭରିଥିଲା ପ୍ରାଣ ଅଚଳ ତନୁରେ।  
ଦେଖିଲି ସ୍ୱପ୍ନ ମୁଁ ଉଲ୍ଲସିତ  
ହୋଇ ନିଃସ୍ତବ୍ଧ ନିଶାପରାହ୍ନେ  
ପୁଷ୍ପ ସବାରୀରେ ନବବଧୂ ସାଜି,  
ଆସିବୁ ତୁ ଏ ପ୍ରକୃତିପ୍ରେମୀ ମନରେ।

ଅରୁଣ ପ୍ରକାଶେ ରକ୍ତିମ ପ୍ରଭାତେ  
ଚକ୍ ମକ୍ ସ୍ୱପ୍ନ ମୋ  
ଠକ୍ ଠକ୍ ଭାଙ୍ଗି ଖଣ୍ଡ ଖଣ୍ଡ ହେଲା,  
ବିସ୍ମିତ ନୟନେ ଅନାଇଁ ଦେଖିଲି  
ନଥିଲା ଶୂନ୍ୟାକାଶେ  
କୋକିଳର କୁହୁତାନ,  
କି ବିହଙ୍ଗର ମଧୁ ଗୁଞ୍ଜରଣ ?

ତରୁଣୀ ବକ୍ଷର ତରୁଲତା  
କୋଳେ କୁସୁମ ପଲ୍ଲବହୀନ,  
ନିଃସହାୟ ପରି ଘୋଟିଛି ତିମିର,  
ସତେ କି ସୂର୍ଯ୍ୟାସ୍ତ ତୋ ଜୀବନର ?  
ଶୁଭୁନାହିଁ ଆଜି ନିର୍ଝରିଣୀର କଳନାଦ  
ନିରବୀତ ନିଶାର୍ଦ୍ଧର ଝଙ୍କାରୀ ଶବ୍ଦ,  
କି ରଙ୍ଗୀନ୍ ମୟୂରର  
ମନଲୋଭା ନୃତ୍ୟ ?

ନଥିଲା ବଦନେ ପୂର୍ବ  
ଚାରୁହାସ ଆଉ ବକ୍ର ଚାହାଁଣୀ  
କି ପକ୍ଷୀ କୂଜନର ନୂପୁର ଭ୍ରମ ?  
ପିନ୍ଧିଥିଲା ଏକ ଜୀର୍ଣ୍ଣ ବସନ  
ହୃଦୟେ ଭରିଣ ଅସୀମ କଷଣ,  
ମ୍ଳାନ ମୁଖରେ ବିଷାଦିତ ନିଃଶବ୍ଦ ପ୍ରକୃତି।

ତୋ ବେଦନା ଦେଖି ଚଞ୍ଚଳମନ  
ମୋ ଚଞ୍ଚଳିତ,  
ତୋ ଦୁଃଖ ହରଣେ  
ମନମୋ ସଦା ଉତ୍କଣ୍ଠିତ,  
ନିଶ୍ଚୟ ଫୁଟିବ ଇପ୍ସିତ କମଳ  
ପୂର୍ଣହେବ ଭଙ୍ଗ ସ୍ୱପ୍ନ ,  
ରହିଛି ରହିବ ବିଶ୍ୱାସର ପ୍ରେମ,  
ନିଃଶ୍ୱାସର ପ୍ରତିକ୍ଷଣ ।

ସଞ୍ଚରିବ ନିଶ୍ଚେ ତରୁଣୀଅଧରେ ପ୍ରୀତିହସ  
ଦେଖିବି ସେଦିନ ନବବଧୂ ବେଶ ,  
ଉତ୍ତପ୍ତହୃଦ ପ୍ରଶାନ୍ତ ହୋଇବ  
ଦେଖି ପ୍ରକୃତିର ପ୍ରଫୁଲ୍ଲିତ ମୁଖ ।

+ (ସଂସ୍କୃତ ଶିକ୍ଷକ)  
ଗ୍ରାମ/ପୋ- ଅତାସାହି  
ଥାନା- ଘଷିପୁରା  
ଜିଲ୍ଲା- କେନ୍ଦୁଝର  
(ମୋ) ୯୭୭୭୫୬୦୯୨୧

## କେବେ ତୁମେ

### ଦୁଷ୍ମନ୍ତ ବେହେରା



କେବେ ତୁମେ ମରିଚିକା  
କେବେ ତୁମେ ଫୁଲ କଢି  
ଝଡା ପାଖୁଡା ।

କେବେ ଦେଖେଇ ଦିଅ  
ଲମ୍ବା ସ୍ୱପ୍ନ ତ କେବେ  
ଭସେଇ ଦିଅ ମନ ।

କେବେ ତୁମେ ହୃଦୟ ଫଟାର  
ବିଦାରକ ଚିହ୍ନ ତ କେବେ  
ଅସୁମାରି ଜହ୍ନ ।

କାନ୍ଥ ଶିଉଳି କାନ୍ଥରେ ଉଭା  
ତୁମ ମନ ଛଳନା ଦେହ  
ରେ ଲଗା ।

ସୁନିଳ ଦୁନିଆ ପରି ଉଇଁ ଆସ  
ମନେ ନୟନ ଖୋଲିଲେ ତୁମେ  
ଭସା ପବନ ।

ଏଠି ପଚାରିଲି ସେଠି ପଚାରିଲି  
ପଚାରିଲି ରାଇଜ କୁ ତୁମେ  
କେବେ ଝାପ୍ସା ଚରିତ୍ର ।

ବିଶ୍ୱାସ ଛଳନାରେ ଠୋକି  
ଦେଲ ଆଶା ଆଂକ୍ଷାଙ୍କାକୁ  
ଚୁରି ଚୁରି ମୋର ।

ଶବ୍ଦ କହୁଥିଲା ବିଶ୍ୱାସ ତୁମ  
ବିଷ ଚେହେରା କହୁଥିଲା  
କଳଙ୍କରେ ତୁମେ ଖେଳ ।

ଯାର ଦେହ ସୁନ୍ଦର ମନ  
ଅପେକ୍ଷା ଯୌବନ ବାସେ  
ଶୀତଳ ଛାୟା ।

ତୁମେ ଥିବ ଦେହ ଥିବ  
ଥିବ ସୁନ୍ଦରତା ଉପଭୋଗ  
କରି ଫୋପାଡିବ ଦୁନିଆ ।

କେବେ ତୁମେ ଆଶା ଠାରୁ  
ଦୂରରେ କେବେ ତୁମେ ବିଶ୍ୱାସ  
ଠାରୁ ଉର୍ଦ୍ଧରେ ।

କେବେ ତୁମେ ପ୍ରେମ ଠାରୁ  
ଝାଉଁ ପବନ  
କେବେ ତୁମେ ମନ ଠାରୁ  
ଶେଷ ଠିକଣା ।

+ ରାସୋଳ-ମୁଣ୍ଡିଆପଷି  
ଢେଙ୍କାନାଳ  
(ମୋ)୯୯୩୭୬୫୨୫୦୪





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୨୯**

ତେଣୁ ବାପାଙ୍କ ଇଚ୍ଛା ଥିଲା ମୁଁ କ୍ଷତ୍ରିୟ କନ୍ୟାର ପାଣିଗ୍ରହଣ କରେ। କିନ୍ତୁ ଜଗତ ଜାଣେ, ମୁଁ ସାରଥି ଅଧିରଥଙ୍କ ସନ୍ତାନ। ରାଧାମାତା ମୋର ଗର୍ଭଧାରିଣୀ ମାଆ ନହେଲେ ମଧ୍ୟ ମୁଁ ତ ତାଙ୍କର ପାଳିତ ସନ୍ତାନ । ସେଇମାନଙ୍କ ବଂଶ ପରିଚୟ ନେଇ ମୁଁ ପରିଚିତ । ତେଣୁ ମୋତେ ବା କେଉଁ କ୍ଷତ୍ରିୟ କାହିଁକି ଜାମାତା ଭାବେ ଗ୍ରହଣ କରିବାକୁ ଚାହିଁବ ।

ସେଦିନ ମୋ ମାମୁଘର ଗାଁ ରତସେନଙ୍କ କନ୍ୟା ପାଇଁ ବିବାହ ପ୍ରସ୍ତାବ ନେଇ ମାମୁ ଓ ନିଜେ ରତସେନ ଆମ ଘରକୁ ଆସିଥିଲେ । ବାପାଙ୍କ ଠାରୁ ସବୁ ଶୁଣିଲି । ରତସେନଙ୍କ କନ୍ୟା ପଦ୍ମା ସହ ବାପା ମୋ ବିବାହ ସ୍ଥିରୀକୃତ କରି ସାରିଥାନ୍ତି। ମୋ ମତାମତ ଜାଣିବାକୁ ସେ ମୋତେ ତାଙ୍କ ପାଖକୁ ଡକାଇଥିଲେ । ମୁଁ ଯେ ବାପାଙ୍କ କଥାରୁ ଓହରି ଯିବିନି, ସେ କଥା ଜାଣି ମଧ୍ୟ ବାପା ମୋ ମତାମତ ଜାଣିବାପାଇଁ ଚାହିଁଥିଲେ ।

ପଦ୍ମା ମୋ ବାଲ୍ୟ, କୈଶୋରର ଖେଳସାଥୀ। ଅନେକ ଦିନରୁ ତାକୁ ଜାଣିଛି । ଅତୀତର ସେ ସ୍ମୃତି ସବୁ ମୋ ମନରେ ଉଙ୍କି ମାରୁଥିଲା । ଏବେ କିନ୍ତୁ ସେ ଚପଳା କିଶୋରୀ ନୁହେଁ, ତେଣୁ ତା ତନୁମନରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥିବ। ତା ଛଡ଼ା ସେ ମୋ ମାମୁଘର ଗାଁର ଝିଅ । ବାପାମାଆ, ମାମୁ ଇତ୍ୟାଦି ଯଦି ଏ ପ୍ରସ୍ତାବରେ ଖୁସି ତେବେ, ମୋର ଆପତ୍ତି ରହିବ କାହିଁକି ? ତେବେ ପ୍ରେମ, ସ୍ୱପ୍ନ, ଏସବୁକୁ ନେଇ ମୁଁ ଏତେଟା ଦୁର୍ବଳ ନୁହେଁ; ତଥାପି ପଦ୍ମା ନାମଟା ଶୁଣି ରୋମ ଜାଗି ଉଠୁଥିଲା ମନରେ । ପଦ୍ମା ନାମଟି ମୋ ମନକୁ ଯେତେଯେତେ ଆସୁଥିଲା ସେତିକି ସେତିକି ମୁଁ ଯେମିତି ଅନ୍ୟମନସ୍କ ହୋଇ ପଡୁଥିଲି । ମୋ ଚତୁର୍ଦ୍ଦିଗ ଯେମିତି ପଦ୍ମାମୟ ହୋଇ ଉଠୁଛି । ତା କଥା ଭାବିବାକୁ ଏତେ କାହିଁକି ଭଲ ଲାଗୁଛି । ମୁଁ ନିଜେ ମଧ୍ୟ ଜାଣିପାରୁନି । ଏହାହିଁ କ'ଣ ତେବେ ବିଧିର ନିୟମ । ଆସନ୍ନ ବିବାହ ପାଇଁ ଅପେକ୍ଷା କରିଥିବା ପ୍ରତିଟି ପୁରୁଷ ଓ ସ୍ତ୍ରୀ ମନରେ ଏହିଭଳି କିଛି ନା କିଛି ଭାବନା ନିଶ୍ଚିତ ଉଦ୍ରେକ ହେଉଥିବ। ମନେ ପଡ଼ିଯାଉଥିଲା ଗୁରୁ ଆଶ୍ରମରେ ପଢୁଥିବାବେଳେ ବନ୍ଧୁ ଅଶ୍ୱତ୍ଥାମାଙ୍କ କଥା । ଗୁରୁପୁତ୍ର ଅଶ୍ୱତ୍ଥାମା ବେଶ୍ ଦାର୍ଶନିକ ଥିଲେ । ଦର୍ଶନତତ୍ତ୍ୱ ଆଲୋଚନା ବେଳେ ସେ ଭାବବିହ୍ୱଳ ହୋଇ ପଡୁଥିଲେ । ତାଙ୍କର ମୁହଁରୁ ଶୁଣିଥିଲି; ବିବାହ କେବଳ ଦୁଇଟି ଦେହର ମିଳନ ନୁହେଁ; ଆତ୍ମା ସହ ଆତ୍ମାର ମିଳନ । ବିବାହ ପରେ ନାରୀ ଓ ପୁରୁଷ ହୋଇଯାଆନ୍ତି ଏକ ଅଭିନ୍ନ ଆତ୍ମା । ତେଣୁ ବିବାହ ହେଉଛି ଆତ୍ମିକ ମିଳନ ।

ବାସ୍ତବରେ ବନ୍ଧୁ ଅଶ୍ୱତ୍ଥାମାଙ୍କ କଥା ମନେପଡ଼ିଲେ ଆନନ୍ଦ ଜାତହୁଏ ମନରେ । ଉପଯୁକ୍ତ ପିତାଙ୍କ ଯୋଗ୍ୟ ଦାୟାଦ ସେ। ତାଙ୍କ ମଧ୍ୟରେ ରହିଛି ଅଫୁରନ୍ତ ଜ୍ଞାନର ଭଣ୍ଡାର । ଯେକୌଣସି ଜଟିଳ ବିଷୟକୁ ସରଳ ଭାବେ ସେ ସମାଧାନ କରି ଦେଇ ପାରୁଥିଲେ । ଆଧ୍ୟାତ୍ମିକ ତତ୍ତ୍ୱକୁ ବୁଝାଇବାରେ ସେ ଥିଲେ ଧୁରନ୍ଧର । ତାଙ୍କଠାରୁ ଅନେକ କିଛି ଶିଖିବାକୁ ଇଚ୍ଛାହୁଏ । ଅସୂୟା, ହିଂସା, ବିଦ୍ୱେଷରୁ ସେ ରହିଥାଆନ୍ତି ଅନେକ ଦୂରରେ । ତାଙ୍କ ସହ ଆଲୋଚନା କରିବାକୁ ବହୁତ ଭଲ ଲାଗେ ।

ବାପା ଓ ମାମୁ ଉଭୟଙ୍କ ସମ୍ମତିରେ ପଦ୍ମା ସହ ମୋର ବିବାହ ସ୍ଥିରୀକୃତ ହୋଇଯାଏ । ସୂତପୁତ୍ର ମୁଁ । ମୋର ବିବାହ ତେଣୁ ସୂତକୁଳରେ ହେବା ଉଚିତ । ତାଛଡ଼ା ଏ ବିବାହ ବିଶେଷ ଆଡ଼ମ୍ବର ଭାବେ ନହୋଇ ସାଧାରଣ ଭାବେ ଅନୁଷ୍ଠିତ ହେବା ଉଚିତ । ମୁଁ ନିଜେ ମଧ୍ୟ ଆଡ଼ମ୍ବରତାକୁ ପସନ୍ଦ କରେନି ।

ସେଦିନ ମିତ୍ର ଦୁର୍ଯ୍ୟୋଧନ ଆମ ଘରକୁ ଆସିଥିଲେ । ବାପାଙ୍କ ଠାରୁ ମୋ ବିବାହ ବିଷୟରେ ସବୁ ଶୁଣି ମୋତେ ଆଲିଙ୍ଗନ କରି କହିଲେ, ଅଂଗରାଜଙ୍କ ବିବାହ ହେବ । ଏହା କ'ଣ କମ୍ କଥା । କେବଳ ଅଂଗଦେଶ ପାଇଁ ନୁହେଁ, ସମଗ୍ର ହସ୍ତିନାପୁରବାସୀଙ୍କ ପାଇଁ ଏହା ତ ନିଶ୍ଚିତ ଖୁସିର ଖବର । ଅନେକ ରାଜା, ମହାରାଜା, ରାଜପୁତ୍ର, ମନ୍ତ୍ରୀ, ପାରିଷଦ ବିଶିଷ୍ଟ ବ୍ୟକ୍ତିମାନେ ଏ ବିବାହ ଉତ୍ସବରେ ଯୋଗଦେବେ। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୋ ବନ୍ଧୁଙ୍କ ବିବାହର ସବୁ ଆୟୋଜନ ମୁଁ କରିବି ।

ମୁଁ କିଛି ଭାବିପାରୁ ନଥିଲି । ମିତ୍ର ଦୁର୍ଯ୍ୟୋଧନ ବାରମ୍ବାର ମୋ ପ୍ରତି ଏମିତି ଉଦାରତା ଦେଖାଇ ଋଣୀ କରି ଚାଲିଛନ୍ତି । ଅଥଚ ମୁଁ ଏସବୁ ଚାହୁଁନି । ଯେତିକି ତାଙ୍କଠାରୁ ପାଇଲିଣି, ସେଇ ତ ଢେର ହୋଇଗଲାଣି । ତା ସତ୍ତ୍ୱେ ତାଙ୍କର ମୋ ପ୍ରତି ଏତେ ଅନୁକମ୍ପା କାହିଁକି ? ମୋର ବିବାହ ହେବ, ଅଥଚ ଏଥିପାଇଁ ଆବଶ୍ୟକୀୟ ଅର୍ଥ ହସ୍ତିନାପୁର ରାଜକୋଷରୁ ଖର୍ଚ୍ଚ ହେବ । ମୋତେ କାହିଁକି ଏସବୁ ବଦାନ୍ୟତା ଭଲ ଲାଗୁ ନଥିଲା । ଲକ୍ଷ୍ୟ କରୁଥିଲି ମିତ୍ରଙ୍କ କଥାରେ ମୋ ବାପାମାଆ ବହୁତ ଖୁସି । ମୁଁ କିନ୍ତୁ ଏ ସବୁକୁ ସହଜରେ ଗ୍ରହଣ କରିପାରୁ ନଥିଲି। ମିତ୍ରତା ଖାତିରରେ କିଛି ମୁହଁଫିଟାଇ ସିନା କହିପାରୁ ନଥିଲି । ନହେଲେ ମୋ ବିବେକ ଏହାର ବିରୋଧ କରୁଥିଲା ।

ଦୁର୍ଯ୍ୟୋଧନ ବାସ୍ତବରେ ଏକ ଭିନ୍ନ ଚରିତ୍ର । ମିତ୍ରଙ୍କ କଥା ଭାବିଲେ ମୋ ମନରେ ମଧ୍ୟ ବିସ୍ମୟ ଜାଗିଉଠେ । ଅନ୍ୟମାନଙ୍କ ପାଇଁ ସେ ଯେଉଁଠି ଏତେ କଠୋର । ସେଠି ମୋ ପ୍ରତି ଏତେ ଉଦାର, ନମନୀୟ । ଏସବୁ ଚିନ୍ତାକରି ବେଳେବେଳେ ମୋ ମନରେ ପ୍ରଶ୍ନ ଉଠେ । ଯେଉଁ ମିତ୍ର ମୋତେ ଦେଖିଲେ ମହମ ଭଳି ତରଳିଯାନ୍ତି ସେଠି ପାଣ୍ଡବମାନଙ୍କ ପ୍ରତି ତାଙ୍କର ଏତେ ବିଦ୍ୱେଷ ଭାବ କାହିଁକି ? ଯେତେ ଯାହା ହେଲେ ବି ସେମାନେ ତାଙ୍କ ଭାଇ, ସହୋଦର । ଆଉ ମୁଁ ସଖା, ବନ୍ଧୁ। ସେମାନଙ୍କ ସହ ରହିଛି ରକ୍ତ ସଂପର୍କ । ଆଉ, ମୋ ସହ କେବଳ ମିତ୍ରତା, ତେବେ କ'ଣ ରକ୍ତର ସଂପର୍କ ଠାରୁ ମିତ୍ରତା ଶ୍ରେଷ୍ଠ ? ହଁ ସେଇ ତ ମିତ୍ରତାର ବନ୍ଧନ, ଯାହାପାଖରେ ଅବ୍ୟକ୍ତ ବୋଲି କିଛି ନଥାଏ। ଅଦେୟ ବୋଲି କିଛି ରହେନି । ମିତ୍ର ଦୁର୍ଯ୍ୟୋଧନଙ୍କ ସହ ମୋର ବନ୍ଧନ ଠିକ୍ ସେହିପରି। ଭାବେ, ଯେତେଦିନ ମୋ ପ୍ରାଣରେ ସ୍ପନ୍ଦନ ଥିବ, ନିଃଶ୍ୱାସରେ ପବନ ବହୁଥିବ । ସେତେଦିନ ପର୍ଯ୍ୟନ୍ତ ଦୁର୍ଯ୍ୟୋଧନଙ୍କ ଠାରେ କେବେବି ମିତ୍ରଦ୍ରୋହୀ ହେବିନି । ବରଂ ଆମ ଦୁହିଁଙ୍କ ବନ୍ଧୁତ୍ୱ କେବଳ ଗୋଟିଏ ଯୁଗପାଇଁ ନୁହେଁ । ଯୁଗଯୁଗ ପାଇଁ ଆଦର୍ଶ ହୋଇ ରହିଥିବ ।

ଦୁର୍ଯ୍ୟୋଧନଙ୍କ ତତ୍ତ୍ୱାବଧାନରେ ପଦ୍ମା ସହ ମୋର ବିବାହ ଖୁବ୍ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଗଲା । ବିଭିନ୍ନ ପ୍ରାନ୍ତରରୁ ରାଜା, ମହାରାଜା, ମନ୍ତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏ ବିବାହ ଉତ୍ସବରେ ଯୋଗ ଦେଇଥିଲେ । ଆସିଥିଲେ ମଧ୍ୟ ବନ୍ଧୁ ଅଶ୍ୱତ୍ଥାମା । ଭାବେ ବିବାହ ପରେ ପଦ୍ମାଙ୍କୁ ଅଶ୍ୱତ୍ଥାମାଙ୍କ ତତ୍ତ୍ୱ ସମ୍ବଳିତ କଥା ବୁଝାଇବି । ତାଙ୍କ ସହ ଏକାତ୍ମ ହୋଇ ଚଳିବାକୁ ଚେଷ୍ଟା କରିବି ।

ହଁ ସାରଥି ଅଧିରଥଙ୍କ ଦାୟାଦ ଭାବେ ରଥଚାଳନା ମୋର ପେଶା । ଏବେ କିନ୍ତୁ ସେଦିନ ନାହିଁ । ସୌଭାଗ୍ୟବଳରେ ମୁଁ ଏବେ ଅଂଗଦେଶର ରାଜା । ପିଲାଟି ଦିନରୁ କାହାରିଠାରୁ ନେବାରେ ନୁହେଁ । ବରଂ ଦେବାରେ ହିଁ ପାଉଥିଲି ଆନନ୍ଦ । ମାତ୍ର ଏହି ଦେବାକୁ ନେଇ ମୋର ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥିଲା ମୋର ଦାରିଦ୍ର୍ୟ । ପିଲାଟିଦିନରୁ ଅଭାବ ମଧ୍ୟରେ ବଢ଼ି ଆସିଥିଲି, ତଥାପି ମୋ ମନରେ ଅନ୍ୟକୁ ଦେବାର ଆନନ୍ଦଟି ତଥାପି ମରି ନଥିଲା । ଭାବୁଥିଲି, ସୁଯୋଗ ପାଇଲେ ଏହାକୁ କାର୍ଯ୍ୟକାରୀ କରିବି । ଦାନ ହିଁ ଧର୍ମ । ତ୍ୟାଗ ହିଁ ପୁଣ୍ୟ । ଏହି ନୀତି ଉପରେ ଆଧାରିତ ମୋର ଜୀବନଦର୍ଶନ । ଅଂଗଦେଶର ରାଜା ହେବାପରେ ମୁଁ ଏ ସୁଯୋଗକୁ ହାତଛଡ଼ା କରିନି । ମୋ ବିବାହ ଉତ୍ସବରେ ମିତ୍ର ଦୁର୍ଯ୍ୟୋଧନ ଅନେକ ଖର୍ଚ୍ଚ ତୁଲାଇଥିଲେ । ମୁଁ ମଧ୍ୟ ମୋର ନିଜସ୍ୱ ରାଜକୋଷରୁ ଦାନ କରିଥିଲି ଅନେକ କିଛି । ବିବାହ ଉତ୍ସବରେ ଯୋଗ ଦେଇଥିବା ସମସ୍ତ ଅତିଥି ମାନଙ୍କୁ ଯଥାଯଥ ସତ୍କାର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ଅଂଗଦେଶର ପ୍ରଜାମାନଙ୍କୁ ଯଥାବିଧି ଆପ୍ୟାୟିତ କରାଯାଇଥିଲା । କେହି ଜଣେହେଲେ ମଧ୍ୟ ଶୂନ୍ୟହସ୍ତରେ ଫେରିନଥିଲେ ମୋ ଭବନରୁ । ଦାନ କରିବାରେ ମୋତେ ଯେଉଁ ନୈସର୍ଗିକ ଆନନ୍ଦ ମିଳୁଥିଲା ତାହା ଭାଷାରେ ବର୍ଣ୍ଣନା କରିପାରିବି ନାହିଁ । ତେବେ, ଏହି ଦାନପାଇଁ ମୋତେ ପରବର୍ତ୍ତୀ



ସମୟରେ ଅନେକ କିଛି ହରେଇବାକୁ ପଡ଼ିଥିଲା ।

ପଦ୍ମା ମୋର ଅର୍ଦ୍ଧାଙ୍ଗିନୀ । ସେ କେବଳ ମୋର ପତ୍ନୀ ନୁହେଁ, ସହଧର୍ମିଣୀ ଓ ସହକର୍ମିଣୀ ମଧ୍ୟ । ମୋର ସମସ୍ତ କାର୍ଯ୍ୟକଳାପରେ ତାର ସମ୍ମତି ରହିବା ଆବଶ୍ୟକ । ସଂସାରର ସୁଖ ଦୁଃଖ ପତିପତ୍ନୀ ମଧ୍ୟରେ ବାଣ୍ଟିନେବୁ । ପରସ୍ପର ପ୍ରତି ସହାୟ ହେବୁ । ଉଭୟ ଉଭୟଙ୍କ ମଧ୍ୟରେ ବିଶ୍ୱସ୍ତ ହୋଇ ରହିବୁ । ପ୍ରେମ, ତ୍ୟାଗ, ଭକ୍ତି, ନିଷ୍ଠା ଓ ବିଶ୍ୱାସ ଉପରେ ଗଢ଼ିଉଠିବ ଆମ ଦୁହିଁଙ୍କ ସଂସାର।

ପଦ୍ମାଙ୍କ ସହ ମୋର ସଂସାର ରଥ ଗଡ଼ିଚାଲିଲା ଆଗକୁ । ମିତ୍ର ଦୁର୍ଯ୍ୟୋଧନଙ୍କ ଶୁଭେଚ୍ଛା, ଅଶ୍ୱତ୍ଥାମାଙ୍କ ସଂଗସୁଖ ମୋତେ ଅନେକ କିଛି କରିବାକୁ ପ୍ରେରଣା ଦେଇଥିଲା । ମୋ ମନର ମାନ, ଅଭିମାନ, ଗ୍ଲାନିକୁ ପୋଛିଦେଇ ମୋର ରାଜ୍ୟ, ସଂସାର, ପରିବାର ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ଥିଲି । ଅଂଗଦେଶକୁ ଏକ ସମୃଦ୍ଧିଶାଳୀ ରାଜ୍ୟ କରି ଗଢ଼ି ତୋଳିବାକୁ ସତତ ଚେଷ୍ଟା କରୁଥିଲି ।

**- ସତେଇଶ -**

ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର କୁରୁପାଣ୍ଡବ ସବୁ ଭାଇମାନଙ୍କ ମଧ୍ୟରେ ବୟସରେ ବଡ଼ । ସେ କେବଳ ବୟସ ଦୃଷ୍ଟିରେ ନୁହେଁ, ସବୁ ଦୃଷ୍ଟିରେ ବାସ୍ତବରେ ମହାନ୍ । ଶାନ୍ତ, ସ୍ଥିରଚିତ୍ତ ଯୁଧିଷ୍ଠିର ଧର୍ମର ଅବତାର । ଯେଉଁ ପରିସ୍ଥିତିରେ ଥାଆନ୍ତୁ ନା କାହିଁକି, ସତ୍ୟ ଧର୍ମ ପଥରୁ ସେ କେବେ ବିଚ୍ୟୁତ ହୁଅନ୍ତି ନାହିଁ । କେବଳ ସେତିକି ନୁହେଁ, ତ୍ୟାଗର ମଧ୍ୟ ମୂର୍ତ୍ତିମନ୍ତ ପ୍ରତୀକ ସେ । ବାସ୍ତବରେ ତାଙ୍କୁ ଦେଖିଲେ ସ୍ୱତଃ ମୋର ମୁଣ୍ଡ ନଇଁଯାଏ ତାଙ୍କ ଠାରେ। କି ଉଦାର, ନମ୍ର, ଦୟାଶୀଳ । ହସ୍ତିନାପୁରର ପ୍ରତ୍ୟେକ ପ୍ରଜାଙ୍କର ସେ ତେଣୁ ପ୍ରିୟ ।

ସେଦିନ ଶୁଣିଲି, ହସ୍ତିନାପୁରର ଯୁବରାଜ ପଦରେ କିଏ ଅଭିଷିକ୍ତ ହେବେ ସେ ନେଇ ଆଲୋଚନା ହେଉଥିଲା । ପିତାମହ ଭୀଷ୍ମ, ଦ୍ରୋଣ, ବିଦୁର, କୃପାଚାର୍ଯ୍ୟ ଇତ୍ୟାଦି ସମସ୍ତେ ହିଁ ଯୁଧିଷ୍ଠିରଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରିବାକୁ ଚାହୁଁଥିଲେ । କାରଣ, ସେମାନଙ୍କର ଯୁକ୍ତିଥିଲା, ପ୍ରଥମତଃ ଯୁଧିଷ୍ଠିର ବୟସରେ ଜ୍ୟେଷ୍ଠ । ପୁଣି ସ୍ୱଭାବତଃ ଧୀର, ଶାନ୍ତ, ଉଦାର । ସମସ୍ତ ପ୍ରଜାକୁଳ ମାନଙ୍କର ମଧ୍ୟ ସେଇ ଇଚ୍ଛା । ମାତ୍ର ଏଥିରେ ବିରୋଧୀ ଥିଲେ ମାତୁଳ ଶକୁନି, ଦୁଃଶାସନ ଓ ଦୁର୍ଯ୍ୟୋଧନ । ତାଙ୍କର ଯୁକ୍ତିଥିଲା, ଯେହେତୁ ମହାରାଜ ଧୃତରାଷ୍ଟ୍ର ହସ୍ତିନା ରାଜସିଂହାସନର ଅଧିକାରୀ, ତାଙ୍କର ଉତ୍ତରାଧିକାରୀ ଭାବେ କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନ ହିଁ ହେବେ ଯୁବରାଜ । ତାଛଡ଼ା ରାଜନୀତି କ୍ଷେତ୍ରରେ ସରଳ, ଧର୍ମବନ୍ତ ସ୍ୱଭାବ ଠିକ୍ ନୁହେଁ । କାରଣ ରାଜ୍ୟର ସୁରକ୍ଷା ପାଇଁ ରାଜାଙ୍କୁ କୂଟନୀତିଜ୍ଞ ହେବାକୁ ପଡ଼ିବ । ସେ ଦୃଷ୍ଟିରୁ ବିଚାର କଲେ ଧର୍ମବନ୍ତ ଯୁଧିଷ୍ଠିର ରାଜନୀତି ପାଇଁ ଆଦୌ ଯୋଗ୍ୟ ନୁହଁନ୍ତି । ତେଣୁ ଯୁବରାଜ ପଦବି ଦୁର୍ଯ୍ୟୋଧନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ଏସବୁ ବାଦବିବାଦ ମଧ୍ୟରେ ହସ୍ତିନାପୁର ରାଜ ପରିବାରରେ କିଛିଦିନ ଧରି ସମସ୍ୟା ଲାଗି ରହିଲା। କିଏ ଯୁବରାଜ ପଦରେ ଅଭିଷିକ୍ତ ହେବେ ତାହାହିଁ ଥିଲା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଲକ୍ଷ୍ୟକଲି ମହାରାଜ ଧୃତରାଷ୍ଟ୍ର ସ୍ୱୟଂ ନିଜ ପୁତ୍ର ସପକ୍ଷରେ ରହିଛନ୍ତି । ଅଥଚ ମାତା ଗାନ୍ଧାରୀଙ୍କ ଥିଲା ଆପତ୍ତି। ମୁଁ କିଛି ବୁଝିପାରୁ ନଥିଲି ଯୁବରାଜ ପଦବି ପାଇଁ ଏତେ ଟଣାଓଟରା କାହିଁକି ? ନ୍ୟାୟତଃ ଯିଏ ଜ୍ୟେଷ୍ଠ ସେ ତ ସ୍ୱତଃ ସେ ଆସନରେ ଅଳଙ୍କୃତ ହେବେ । ତାଛଡ଼ା କୁରୁ ପାଣ୍ଡବ ତ ଗୋଟିଏ ବଂଶର। ପରମ୍ପରା ଅନୁଯାୟୀ ବଂଶର ଜ୍ୟେଷ୍ଠ ହିଁ ପ୍ରକୃତ ଉତ୍ତରାଧିକାରୀ । ସେଥିରେ ଏତେ ଭାବିବାର କ'ଣ ଅଛି । ଯୁଧିଷ୍ଠିରଙ୍କ ମନରେ ତ କୌରବ ଭାଇମାନଙ୍କ ପ୍ରତି ଈର୍ଷା ନାହିଁ, ଦ୍ୱେଷ ନାହିଁ, ଏଭଳି ବ୍ୟକ୍ତିତ୍ୱ, ଈର୍ଷାଶୂନ୍ୟ ବ୍ୟକ୍ତିଟି ପାଇଁ ପୁଣି ଏତେ ବିରୋଧ । ଦୁର୍ଯ୍ୟୋଧନ ମୋର ପରମ ମିତ୍ର, ସଖା, ବାନ୍ଧବ । ମୁଁ କିନ୍ତୁ ତାଙ୍କର ଅନେକ କିଛି ନିଷ୍ପତ୍ତିରେ ସମ୍ମତି ଦେଇପାରେନି । ଏ କ୍ଷେତ୍ରରେ ମୋ ମନରେ ସ୍ୱତଃ ବିରୋଧାଭାସ ଜାଗି ଉଠୁଥିଲା । ବନ୍ଧୁତା ଖାତିରରେ ମୁଁ ସିନା ମୁହଁଫିଟାଇ ତାଙ୍କୁ କିଛି କହିପାରୁ ନଥିଲି । ନହେଲେ ମୋର ବିବେକ ଏ ସବୁରେ ବାଧା ଦେଉଥିଲା । ଭାବୁଥିଲି ଦୁର୍ଯ୍ୟୋଧନଙ୍କୁ ଏକାନ୍ତରେ ସବୁ ବୁଝାଇବି, ଏଥିରୁ କ୍ଷାନ୍ତ ରହିବାପାଇଁ ପରାମର୍ଶ ଦେବି । ହେଲେ ସବୁଠି ସେଇ ଗୋଟିଏ ପ୍ରତିବନ୍ଧକ । ମାତୁଳ ଶକୁନି। ଯିଏ ନିଜର ମତାମତ, ଇଚ୍ଛାକୁ କଳେବଳେ କୌଶଳେ ଭାଗିନେୟ ଉପରେ ନ୍ୟସ୍ତକରି ତାଙ୍କ ଅଧୀନରେ ରଖିବାକୁ ଚାହୁଁଥିଲେ । ପ୍ରତିମୁହୂର୍ତ୍ତରେ ଭାଗିନେୟ ମନର ଉର୍ବର ମାଟିରେ ଈର୍ଷା, ଦ୍ୱେଷ, ଅସୂୟାର ବୀଜଟି ପୋତିଦେଇ ତାଙ୍କୁ ପାଣ୍ଡବ ବିଦ୍ୱେଷୀ ଭାବେ ଗଢ଼ି ତୋଳୁଥିଲେ । ଏପଟେ ମହାରାଜଙ୍କୁ ମଧ୍ୟ କୁମନ୍ତ୍ରଣା ଦେଉଥିଲେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ସମ୍ପର୍କରେ ମନର ତାର

## ସମ୍ପର୍କର ରିଙ୍ଗ୍

**ଶ୍ୱେତା ରାଉତ୍**



କେହି ଆମକୁ କଷ୍ଟ ଦେଲେ କି ଭଲପାଇଲେ, ସମ୍ମାନ୍ ଦେଲେ କି ଘୃଣା କଲେ ଆମେ ତାଙ୍କୁ ଭାବିହୁଅନ୍ତି। ଯଦି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଆମେ ଅସୁବିଧାରେ ପଡିଥାନ୍ତି, ସମ୍ପର୍କ ଖରାପ ନହେବ ବୋଲି ଛଳନାରେ ଯେତେ ମିଠା କଥା ହେଲେ ମଧ୍ୟ ଆମ ମନ ଭିତରେ ତା ପ୍ରତି ଘୃଣାଥାଏ ଏବଂ ଆମ ମସ୍ତିଷ୍କରୁ ନିର୍ଗତ ଘୃଣାର ଶକ୍ତି ତା'ର ମସ୍ତିଷ୍କ ସହିତ ଯୋଡ଼ିହୋଇଯାଏ ଫଳରେ ଉପରେ ଉପରେ ଆମେ ପରସ୍ପରକୁ ଯେତେ ଭଲ ବ୍ୟବହାର କଲେ ମଧ୍ୟ ମନ ଭିତରେ ପରସ୍ପର ପ୍ରତି କେବଳ ଘୃଣାର ଶକ୍ତି କ୍ଷରିତ ହୋଇଥାଏ। ଦୀର୍ଘଦିନ ଧରି ଆମେ ସଧାରଣ ଭାବେ ଭଲରେ କଥା ହୋଇଥାନ୍ତି କିନ୍ତୁ ମନଭିତରେ ଗୁଡ଼ାଏ ଅଭିଯୋଗ, ଅଭିମାନ, ଘୃଣା ଭରି ରହିଥାଏ। ଯାହା ଫଳରେ ଏଠି ସମ୍ପର୍କ ଚିରସ୍ଥାୟୀ ନହୋଇ ପରିସ୍ଥିତି ଅନୁସାରେ ତିକ୍ତତା ଆସିଯାଏ।

ବେଳେବେଳେ ଆପଣ କେଉଁଠି ଏକ ସ୍ଥାନରେ ବସିଥାନ୍ତି। ଆପଣଙ୍କ ସାମନାରେ କେହି ଚାଲିଯାଏ, କିମ୍ବା କିଛି ଦୁର୍ଘଟଣା ଘଟେ। ଆପଣଙ୍କୁ ଘଟଣା ପଚାରିଲେ କିମ୍ବା କିଏ ଏପଟେ ଗଲା ପଚାରିଲେ ଆପଣ କହିପାରିନଥାନ୍ତି। ଉତ୍ତରରେ ଅନ୍ୟମନସ୍କ ଥିଲେ ତେଣୁ ଜାଣିପାରିନାହାନ୍ତି ବୋଲି କହନ୍ତି। ଧ୍ୟାନ ଦିଅନ୍ତୁ, ଆପଣଙ୍କ ଶରୀର ସେଇଠି ଥାଏ, ଆପଣଙ୍କ ଆଖି ସେଇଠି ଥାଏ ଅଥଚ ଆପଣ ଜାଣି ପାରନ୍ତିନି ସେଠି କଣ ଘଟୁଥାଏ ! କାରଣ ଘଟଣା ସମୟରେ ଆପଣଙ୍କ ମନ ଆପଣଙ୍କ ପାଖରେ ବିଦ୍ୟମାନ ନଥାଏ। ମନ ଯେତେବେଳେ ନିଜ ଶରୀର ଭିତରେ ନଥାଏ ସେତେବେଳେ ଚକ୍ଷୁ ଭଳି ଇନ୍ଦ୍ରିୟମାନେ ମଧ୍ୟ ନିଜର କ୍ଷମତା ହରାଇ ଦିଅନ୍ତି।

ଆପଣ କିଛି ଲେଖୁଥିବା ବେଳେ ଯଦି ଟିଭି କିମ୍ବା ଆଉ କାହାର କଥା ପ୍ରତି ଧ୍ୟାନ ଥାଏ, ଅଜାଣତେ ତାହାହିଁ ଆପଣଙ୍କ ଦ୍ୱାରା ଲେଖିହୋଇଯାଏ ଯାହା ଆପଣଙ୍କ ଭାବନାରେ ଚାଲୁଥାଏ ବା ଆପଣଙ୍କ ମନ ଯୁଆଡେ ଥାଏ। କାରଣ ହାତ ସବୁବେଳେ ମସ୍ତିଷ୍କର କଥା ଶୁଣେ, ତେଣୁ ମସ୍ତିଷ୍କରେ ଯାହା ଚାଲୁଥାଏ ହାତ ତାକୁ ନିର୍ଦ୍ଦେଶ ଭାବି କାମ କରେ। ସେ ଦେଖେନାହିଁ ଠିକ୍ କଣ ଭୂଲ୍ କଣ ? ଦିନରାତି ଆମେ ଆମର ଦୈନନ୍ଦିନ କାର୍ଯ୍ୟରେ ଯେତେ ବ୍ୟସ୍ତ ରହିଲେ ବି ଆମ ମନ କିଛି ନା କିଛି ଭାବୁଥାଏ। ଅର୍ଥାତ୍ ଆମ ମନ ଭିତରେ ଅବିରତ କିଛି ଘଟଣା ଚାଲୁଥାଏ। ଏକଥା ଆମେ ଜାଣିନଥାନ୍ତି ଯେ ଆମେ ଯାହା ବିଷୟରେ ଭାବନ୍ତି, ଆମର ସ୍ୱଭାବ ସେହିପରି ପରିବର୍ତ୍ତନ ହୋଇଥାଏ। ନିଉଟନ୍, ପୃଥିବୀରେ ମାଧ୍ୟାକର୍ଷଣ ଶକ୍ତି ଅଛି ପ୍ରମାଣ କଲାଭଳି, ନିଶ୍ଚିତଭାବେ ଏକ ଅଦୃଶ୍ୟ ଶକ୍ତି ଆମର ବାୟୁ ତରଙ୍ଗ, ଧ୍ୱନି ତରଙ୍ଗ ଏବଂ ପଞ୍ଚ ତତ୍ତ୍ୱରେ ରହିଛି ଏବଂ ବିଶ୍ୱର ସର୍ବବୃହତ୍ ଗବେଷଣାକେନ୍ଦ୍ର ନାସା(NASA)ଏହା ପ୍ରମାଣ କରିସାରିଛି ଯେ ଏକ ଅଦୃଶ୍ୟ ଶକ୍ତି ପୃଥିବୀ ପୃଷ୍ଠରେ ନିଶ୍ଚିତ ଅଛି ଯାହା ଆମକୁ 'ଓଁ'ର କମ୍ପନ ଦ୍ୱାରା ପ୍ରତିଧ୍ୱନିତ୍ୱ ହୋଇଥାଏ। ଅର୍ଥାତ୍ ଆମେ ଯାହା ଭାବନ୍ତି, ବିଚାର କରନ୍ତି, ଆମ ମସ୍ତିଷ୍କର ସ୍ନାୟୁକୋଷରେ ଯେଉଁ ଶକ୍ତି ନିର୍ଗତ ହୁଏ ତାହା ମହାଶୂନ୍ୟ ସହିତ ସଂଯୋଗ କରିଥାଏ। ତେଣୁ ଆମ ଚିନ୍ତନର ବାର୍ତ୍ତାକୁ ଶୂନ୍ୟ ଶକ୍ତି ସେ ବ୍ୟକ୍ତିବିଶେଷ ବା କୌଣସି ଶକ୍ତି ସହିତ ସଂଯୋଗ କରିଥାଏ, ଯାହାଦ୍ୱାରା ଆମେ କାହାକୁ ମନେପକେଇଲେ ସେ ଜାଣିପାରେ ବା ଆମକୁ କେହି ମନେ ପକେଇଲେ ଆମେ ପ୍ରାୟ ସମୟରେ ଜାଣି ପାରନ୍ତି। ଆମେ କାହା କଥା ଭାବୁ ଭାବୁ ହଠାତ୍ ତାଙ୍କର ଫୋନ୍ ଆସିଯିବା, କିମ୍ବା ଆମକୁ କେହି ମନେପକେଇବା ବେଳେ ଆମେ ତାଙ୍କୁ ଫୋନ୍ କରିଦେବା, ଏମିତି ପ୍ରାୟ ବ୍ୟକ୍ତିଙ୍କ ଜୀବନରେ ହୋଇଥାଏ। କାରଣ ଫୋନ୍ ଆସିବା ବା ଯିବା ପୂର୍ବରୁ ଆମର ମନର ତାର ଯୋଡି ହୋଇଥାଏ।

ଯଦି ଆମ ମନ ଯାହାକୁ ମନେପକାଏ ତା ସହ ଯୋଡି ହୋଇଥାଏ, ତେବେ ଆମେ ଇଶ୍ୱରଙ୍କୁ ମନେପକେଇବା, ବାରମ୍ବାର ମନେପକେଇବା, ଆମ ମନର ଶକ୍ତି ଏତେ ପ୍ରଖର କରିବା ଯେ ଇଶ୍ୱରଙ୍କ ମନ ସହିତ ଯେମିତି ସବୁବେଳେ ଯୋଡି ହୋଇ ରହିବ। ଯଦି ଆମେ ଇଶ୍ୱରଙ୍କ ସହିତ ଯୋଡି ହୋଇ ରହିବା, ଆମ ମନରେ ଭୟ ଆଶଙ୍କା, ଦୁଃଖ, ଘୃଣା, ଅପମାନ, ପ୍ରତିଶୋଧ ଭଳି ନକରାତ୍ମକ ବିଚାର ରହିବ ନାହିଁ। କାରଣ ଆମେ ଯାହା ସହିତ ଯୋଡି ହୁଅନ୍ତି, ଯାହାକୁ ଅଧିକ ମନେପକାନ୍ତି, ଯାହା କଥା ସବୁବେଳେ ଭାବନ୍ତି, ସର୍ବଦା ଅନ୍ତଚକ୍ଷୁରେ ସେ ଦୃଶ୍ୟମାନ ହେଉଥାନ୍ତି ଏବଂ ଆମର ସ୍ୱଭାବ, ବିଚାର, ଶକ୍ତି, ସାମର୍ଥ୍ୟ ଧୀରେ ଧୀରେ ଠିକ୍ ସେପରି ପ୍ରତିଫଳିତ ହୋଇଥାଏ ଯେମିତି ଆମେ ଦୃଶ୍ୟମାନ କରିଥାନ୍ତି। ସତ୍ ବୁଦ୍ଧି, ସତ୍ ଚିନ୍ତା କେବଳ ମନକୁ ନୁହେଁ ସମ୍ପର୍କକୁ ମଧ୍ୟ ସୁନ୍ଦର କରିଥାଏ।

- ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଆଜିର କବିତା

## ମୌସୁମୀ ଆଗମନେ ...

**ରତ୍ନକାନ୍ତି ମିଶ୍ର**



ପ୍ରାଙ୍ଗଣେ ଅତିଥି ଦରଶନେ ପୃଥ୍ୱୀ
ମୌସୁମୀର ଆଗମନେ
ଘନ ମେଘମାଳା ସଘନ କୁନ୍ତଳା
ପଦପାତେ ଅପଘନେ ।

ଲାସ୍ୟମୟୀ ବର୍ଷା ନିବାରଇ ତୃଷା
ଚାତକ ପ୍ରତୀକ୍ଷା ଅନ୍ତ
ପାଶୋରି ତକ୍ଷଣ ନିଦାଘ କଷଣ
ବୃକ୍ଷରାଜି ଉଲ୍ଲସିତ ।

କ୍ଷେତ୍ରେ କ୍ଷେତ୍ରପାଳ ହାତରେ ଲଙ୍ଗଳ
କଣ୍ଠରେ ଉଦ୍ଦାମ ଗୀତି
ଶସ୍ୟେ ସବୁଜିମା ଚିତ୍ରିତ ସୁଷମା
ହସି ଉଠେ ବସୁମତୀ ।

ଦୁର୍ବାଦଳ ପରେ ନାଲିଆ ପାଟରେ
ଚାଲଇ ସାଧବ ବୋହୂ
ସାରୁ ଗଛ ମୂଳେ ଛତ୍ରପତି ଭେକ
ରଡି ଛାଡେ ମୂହୁର୍ମୁହୁଃ ।

ବିଜୁଳି ଚମକେ ଘଡଘଡି ଡାକେ
କମ୍ପମାନ ରସାତଳ
କେବେ ଚକ୍ରବାଳେ ଇନ୍ଦ୍ରଧନୁ ଆଭା
ସପ୍ତରଙ୍ଗ କୋଳାହଳ ।

ସରସୀର ଅଙ୍ଗେ ନହୁଲି ତରଙ୍ଗ
ସ୍ଫୀତ ହୁଏ ତନୁ ଧିରେ
କ୍ଷୀଣାଙ୍ଗୀ ତଟିନୀ ହୁଏ ସ୍ରୋତସ୍ୱିନୀ
ଉଛୁଳଇ ଦୁଇ କୂଳେ ।

ରାକା ରଜନୀରେ ଆକାଶ ଛାତିରେ
ଜହ୍ନ ତାରା ଦିଶେ ନାହିଁ
ବିଭାବରୀ ଖୋଜେ ଅକାରଣେ ସିନା
ଗଭାରେ ମଣ୍ଡିବା ପାଇଁ ।

ଭିଜା ମାଟି ଗନ୍ଧ ଆଘ୍ରାଣେ ଆନନ୍ଦ
ତରୁଲତା ସର୍ବପ୍ରାଣୀ
ତପ୍ତ ହୃଦସ୍ଥଳ କରି ସୁଶୀତଳ
ଜନ ମନ ନିଏ କିଣି ।

ପ୍ରକୃତି ସୁଷମା ଶୋଭା ମନୋରମା
ସୃଜନିକା ସମାରୋହ
ଜଗତ ମୋହିତ ଦେଖି ଚାରୁ ଚିତ୍ର
ପ୍ରକୃତିର ଲାସ୍ୟ ମୁହଁ ।

+ଆଳି, କେନ୍ଦ୍ରାପଡା

## ସାକ୍ଷୀ ଥିଲା ସେହି ନୀଳ ଜଳରାଶି ....

**ରଶ୍ମି ସାମଲ**



ଆକାଶର ଖୋଲା ଛାତି ତଳେ
ସମୁଦ୍ର କୂଳର ସେହି ସନ୍ଧ୍ୟାର
ତୋଫା ନିର୍ମଳ ଜଳରାଶିକୁ ଦେଖି
ସବୁ ପ୍ରତାରଣାକୁ ହଜାଇ ଦେଇଥିଲି।

କେବେ ଥରେ ପଚାରି ଦେଖ
କାହିଁକି ମୋ ନିରବତା
ଉତ୍ତର ସଠିକ ପାଇଯିବ,
କେତେ ଯେ ଅଶାନ୍ତ ଝଡ ସବୁକୁ
କବର ଦେବାକୁ ପଡିଛି।

ପାପୁଲିକୁ ଚାପି ଧରି
ଛାତିରେ ମୁହଁ ପୋତି ଦେଇ
ଶୁଣୁଥିଲି ଫେରୁଥିବା ଢେଉର
ସଁ ସଁ ଗର୍ଜନକୁ

ହେଲେ ଦଶଦିଗ ଅନ୍ଧାର
ଚାରି ପଟ ଘେରି ଯାଇଛି।

ସେଦିନର ଦୃଶ୍ୟ ଯାହା ଥିଲା
ଖାଲି ସମୟ ବଦଳି ଯାଇଛି
କଳଙ୍କର ରଙ୍ଗ ସବୁ ମଳିନ
ପଡି ଯାଇଛି,ଏତିକି
ମନେ ପଡେ ସେହି କଫି
ଆଉ ଚା ବାଲାର ସ୍ୱର।

ବୁଝି ପାରି ନଥିଲି
କିଏ ଶିଳା କିଏ ଶାଳଗ୍ରାମ
ଅଭିମାନ କରି ଲାଭ କଣ
ମାଡି ଆସୁଥିବା ଢେଉ
ସେହି ଲୁଣି ପାଣିରେ
ଦେହ ମନ ଭିଜି ସାରିଥିଲା।

ଏହି ବାଲି ଭରା ସମୁଦ୍ର କୂଳଟା
ଚକ୍ରାନ୍ତକାରୀ ସଠ ପାଲଟି ଯାଇଥିଲା
ଆଗକୁ ପାଦ ବଢେଇବାର
ଭୟ ଭରି ସାରିଥିଲା ମନରେ।

ଖୋଲା ଆକାଶ ତଳର
ଛାଇ ଜହ୍ନ ଆଲୋକ
ଟଗର ଫୁଲ ପରି
ତୋଫା ତାରାକୁ ଗଣୁଥିଲି।

ସେହି ସମୁଦ୍ର କୂଳ
ଏତେ ଯେ ରହସ୍ୟ ମୟ
ଛିନ୍ନ ଭିନ୍ନ କରିଦେଲା
ସେଦିନର ଏକାକିତ୍ୱକୁ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ଡିସେମ୍ବର ମାସ ଶେଷ ସୁଦ୍ଧା ସରିବ ଟିକାକରଣ

ଭୁବନେଶ୍ୱର,୧/୯ (ନି.ପ୍ର): ଆଗାମୀ ଡିସେମ୍ବର ମାସ ଶେଷ ସୁଦ୍ଧା ଟିକାକରଣ ସରିବ। ଯଦି ଟିକା ଆସିବାରେ କୌଣସି ସମସ୍ୟା ନ ହୁଏ ୪ ମାସ ମଧ୍ୟରେ ଟିକାକରଣ ଶେଷ ହେବ। ରାଜ୍ୟରେ ଏବେ ଟିକାକରଣ ଜାରି ରହିଛି। ବର୍ତ୍ତମାନ ଟିକାରେ କିଛି ସମସ୍ୟା ନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୨ କୋଟି ୨୦ ଲକ୍ଷ ଡୋଜ ଟିକା ଦିଆସାରିଛି। ପ୍ରଥମ ଡୋଜ ୧ କୋଟି ୬୬ ଲକ୍ଷ ଓ ଦ୍ୱିତୀୟ ଡୋଜ ୫୩ ଲକ୍ଷ ଲୋକ ନେଇ ସାରିଛନ୍ତି। ମୋଟ ୫୪ % ଲୋକଙ୍କୁ ପ୍ରଥମ ଡୋଜ ଦିଆଯାଇଛି। ଏବେ ୨୮ ଲକ୍ଷ ୫୪ କୋଭିସିଲଡ ଓ ୪ ଲକ୍ଷ ୫୪ ହଜାର ଟିକା କୋଭାକ୍ସିନ ଟିକା ମହଜୁଦ ରହିଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ ଟିକା ନେବାର ଅଛି ପ୍ରାଥମିକତା ଭିତିରେ ସେମାନଙ୍କୁ ଟିକା ଦେବା ପାଇଁ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଓ ଦ୍ୱିତୀୟ ଡୋଜ ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। କେତେ ଶିକ୍ଷକ ଟିକା ନେବେ ଜିଲ୍ଲାକୁ ତଥ୍ୟ ମଗାଯାଇଛି। ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଶିକ୍ଷକଙ୍କ ଟିକାକରଣ ଶେଷ ହେବ। କେବଳ ଶିକ୍ଷକଙ୍କୁ ଟିକା ଦେବା ପାଇଁ କିଛି ସ୍ୱତନ୍ତ୍ର କେନ୍ଦ୍ର କରାଯାଇଛି। ଆଜି ୧୪୦୦ କେନ୍ଦ୍ରରେ ଟିକାକରଣ ଚାଲିଛି। ୧ ଲକ୍ଷ ଗର୍ଭବତୀ ମହିଳାଙ୍କର ଟିକାକରଣ କରାଯାଇଛି। ପ୍ରଥମ ଲହରରେ ୮ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଦ୍ୱିତୀୟ ଲହରରେ ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ।

ଅପରପକ୍ଷରେ ନୂଆ ଭ୍ୟାରିଅଂଟ ସି ୧.୨ ନେଇ ସବିଶେଷ ତଥ୍ୟ ନାହିଁ। ଭାରତରେ ସେ ଭ୍ୟାରିଅଂଟ ଚିହ୍ନଟ ହୋଇନି। ଭ୍ୟାକ୍ସିନକୁ ବ୍ରେକ କରି ସଂକ୍ରମଣ କରିବ ବୋଲି କୁହାଯାଉଛି। ଆଂଟିବଡିକୁ ନଷ୍ଟ କରି ସଂକ୍ରମଣ କରୁଥିବା କୁହାଯାଉଛି। କିନ୍ତୁ ସେହି ଭ୍ୟାରିଅଂଟ ବର୍ତ୍ତମାନ ସୁଦ୍ଧା ଆମ ଦେଶରେ ଚିହ୍ନଟ ହୋଇନି।

ପ୍ରଥମ ଲହରରେ ୮ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଦ୍ୱିତୀୟ ଲହରେରେ ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଅଗଷ୍ଟ ଶେଷ ଆଡ଼କୁ ବଢିଛି। ସମସ୍ତେ ଆକଳନ କରୁଛନ୍ତି ସଂକ୍ରମଣ ବଢ଼ିପାରେ। ସମ୍ଭାଳିବାକୁ ସରକାର ପ୍ରସ୍ତୁତ। ୮୦-୮୫ ପ୍ରତିଶତ ଲକ୍ଷଣବିହୀନ ଓ ସ୍ୱଳ୍ପ ଲକ୍ଷଣ, ମାତ୍ର ୫ ପ୍ରତିଶତ ସଂକ୍ରମିତ ଶିଶୁଙ୍କୁ ହସ୍ପିଟାଲରେ ଭର୍ତି କରିବାକୁ ପଡ଼ିପାରେ।

# ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଜାତୀୟସ୍ତରର ୱେବିନାର

ଭୁବନେଶ୍ୱର,୧/୯ (ନି.ପ୍ର): ରାଜ୍ୟ ସରକାର ଖାଉଟିମାନଙ୍କ ସୁରକ୍ଷା ପ୍ରଦାନ ଦିଗରେ ସର୍ବଦା ପ୍ରାଥମିକତା ପ୍ରଦାନ କରୁଛନ୍ତି। ସଚେତନ ଖାଉଟି ହିଁ ସୁରକ୍ଷିତ ଖାଉଟି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଖାଉଟିମାନଙ୍କୁ ସଚେତନ କରିବା ନିମନ୍ତେ ବ୍ୟାପକ ପ୍ରଚାରପ୍ରସାର କାର୍ଯ୍ୟ କରାଯାଉଛି । ଷ୍ଟେଟ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କନ୍‌ଜ୍ୟୁମର ଆୱାରନେସ୍ (ସିକା) ପ୍ରତିଷ୍ଠା କରାଯାଇଛି । ଏପରି ଅନୁଷ୍ଠାନ ପ୍ରତିଷ୍ଠା କରିବାରେ ଓଡ଼ିଶା ସାରା ଦେଶରେ ଅନ୍ୟତମ ରାଜ୍ୟ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଏକ ଜାତୀୟସ୍ତରର ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ରାଜ୍ୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସାମିଲ କରି ଖାଉଟିମାନଙ୍କ ବିଭିନ୍ନ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି । ୫୦୦ରୁ ଅଧିକ ବିଦ୍ୟାଳୟରେ ‘ଖାଉଟି କ୍ଲବ୍’ ଗଠନ କରାଯାଇଛି । ରାଜ୍ୟର ଖାଉଟିମାନେ ଯେପରି ଉନ୍ନତ ମାନର ଦ୍ରବ୍ୟ ଓ ସେବା ପାଇପାରିବେ ସେଥି ନିମନ୍ତେ ଭାରତୀୟ ମାନକ ବ୍ୟୁରୋ ସହିତ ନିୟମିତ ସମନ୍ୱୟ ରକ୍ଷା କରାଯାଉଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖାଦ୍ୟ ନିରୀକ୍ଷକଙ୍କ ସହ ସମନ୍ୱୟ ରକ୍ଷା କରାଯାଇ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ପରିବର୍ତ୍ତିତ ବଜାର ପରିସ୍ଥିତି, ଅନ୍‌ଲାଇନ୍ ଓ ଇ-କମର୍ସ ବ୍ୟବସ୍ଥାର ବହୁଳ ପ୍ରଚଳନକୁ ଦୃଷ୍ଟିରେ ରଖି ନୂତନ ଭାବେ ପ୍ରଣୟନ କରାଯାଇଥିବା ଖାଉଟି ସୁରକ୍ଷା ଆଇନ ୨୦୧୯ ଖାଉଟିମାନଙ୍କୁ ଅସାଧୁ ବ୍ୟବସାୟୀ ଓ ଠକେଇ ବିରୁଦ୍ଧରେ ସୁରକ୍ଷା ଦେବାରେ ସକ୍ଷମ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ନୂତନ ଆଇନରେ ସେଂଟ୍ରାଲକନ୍‌ଜ୍ୟୁମର ପ୍ରୋଟେକ୍ସନ୍ ଅଥରିଟିଙ୍କୁ ଅସାଧୁ ବ୍ୟବସାୟ, ଭ୍ରମାତ୍ମକ ବିଜ୍ଞାପନ ଓ ଖାଉଟିମାନଙ୍କ ଅଧିକାର ଉଲଂଘନ ବିରୁଦ୍ଧରେ ଅଭିଯୋଗର ବିହିତ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ସେହିପରି ନୂତନ ଆଇନରେ ମଧ୍ୟସ୍ଥି ଜରିଆରେ ଖାଉଟି ବିବାଦର ସମାଧାନ ଦିଗରେ ବ୍ୟବସ୍ଥା ରହିଛି ଯାହା ଖାଉଟିମାନଙ୍କୁ ଶୀଘ୍ର ନ୍ୟାୟ ଦେବାରେ ସକ୍ଷମ ହୋଇପାରିବ। ଏଥି ସହିତ ନୂତନ ଆଇନରେ ଇ-ଫାଇଲିଂ ମାଧ୍ୟମରେ ଖାଉଟି ଘରେ ବସି ସେମାନଙ୍କ ଅଭିଯୋଗ ଦାଖଲ କରିବାର ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

ୱେବିନାରରେ ଜଷ୍ଟିସ୍ ଡ. ଡି.ପି. ଚୌଧୁରୀ, ଭାରତ ସରକାରଙ୍କ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଂଟନ ବ୍ୟବସ୍ଥାର ଅତିରିକ୍ତ ଶାସନ ସଚିବ ନିଧି ଖାରେ, ଓଡ଼ିଶା ସରକାରଙ୍କ ଖାଉଟି ସୁରକ୍ଷା ପରାମର୍ଶଦାତା ପ୍ରଫେସର ବେଜନ ମିଶ୍ର, ଆମ୍‌ୱେ ଇଣ୍ଡିଆ ଏଂଟରପ୍ରାଇଜରର ଶ୍ରୀ ରଜତ ବାନାର୍ଜୀଙ୍କ ସମେତ ବିଭିନ୍ନ କର୍ପୋରେଟ୍ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ନୂତନ ଖାଉଟି ସୁରକ୍ଷା ଆଇନ ସଂପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ବିଧାନସଭା ସଚିବାଳୟ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧/୯ (ନି.ପ୍ର): ଓଡ଼ିଶା ବିଧାନସଭା ସଚିବାଳୟର ଡେସ୍କ ଅଧିକାରୀ ଭବକୃଷ୍ଣ ମହାନ୍ତିଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସରକାରୀ ଚାକିରୀରୁ ନିବୃତ ହେବା ପରେ ଆଜି ଶ୍ରୀ ମହାନ୍ତିଙ୍କୁ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଉତରୀୟ ଓ ପୁଷ୍ପ ଗୁଚ୍ଛ ଅର୍ପଣ କରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଚାକିରୀ କାଳ ମଧ୍ୟରେ ଶ୍ରୀ ମହାନ୍ତି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବାରୁ ବାଚସ୍ପତି ଡ଼ଃ ପାତ୍ର ତାଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ତାଙ୍କର ସୁଖମୟ ଓ ଶାନ୍ତିପୂର୍ଣ୍ଣ ଅବସରକାଳୀନ ଜୀବନ କାମନା କରିଥିଲେ।ଏହି ସମ୍ବର୍ଦ୍ଧନା ସଭାରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭୋଟ୍ ବ୍ୟାଙ୍କ ନାଁରେ ବିଜେଡିର ରାଜନୀତିକୁ ବିରୋଧ କରିବ ବିଜେପି

ଭୁବନେଶ୍ୱର,୧/୯ (ନି.ପ୍ର): ରାଜ୍ୟର ସାଂପ୍ରତିକ ପରିସ୍ଥିତି ସମେତ କିଛି ମୁଖ୍ୟ ପ୍ରସଙ୍ଗକୁ ନେଇ ବିଜେପି ଆସନ୍ତା କାଲିଠୁ ଆରମ୍ଭ ହେବାକୁ ଥିବା ବିଧାନସଭା ମୌସୁମୀ ଅଧିବେଶନରେ ଆଲୋଚନା କରିବ । ଚଳିତ ବିଧାନସଭା ଅଧିବେଶନରେ ବିଜେପି ରାଜ୍ୟର ବିଭିନ୍ନ ସମସ୍ୟା ଉଠାଇବା ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ। ବିଶେଷ ଭାବେ ରାଜ୍ୟରେ ଆସନ୍ନ ମରୁଡି ପରିସ୍ଥିତି, ମଣ୍ଡି ସମସ୍ୟା, ୟୁରିଆ ସାର ସମସ୍ୟା, ଜଳସେଚନ ସମସ୍ୟା, ମାହାଙ୍ଗା ମର୍ଡର ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତି, ସୀମା ବିବାଦ, ପ୍ରଧାନମନ୍ତ୍ରୀ ଆବାସ ଘୋଟାଲା, ଓବିସି / ଏସ୍‌ଇବିସି ସଂରକ୍ଷଣ, ପର୍ଶ୍ଚିମ ଓଡିଶା ବିକାଶ ପରିଷଦ, ମହିଳା ସୁରକ୍ଷା, ବେରୋଜଗାର, ଖଣି ଦୁର୍ନୀତି, ବିଦ୍ୟୁତ ଶୁଳ୍କ ବୋଝ ଆଦି ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହେବ ବୋଲି ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସୂଚନା ଦେଇ କହିଛନ୍ତି । ଆସନ୍ତା କାଲିଠୁ ମୌସୁମୀକାଳୀନ ବିଧାନସଭା ଅଧିବେସନ ଆରମ୍ଭ ହେବ । ଏହି ଅବସରରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ବିଜେପି ବିଧାୟକ ଦଳର ବୈଠକ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ନ ମରୁଡି ପରିସ୍ଥିତିକୁ ମୁକାବିଲା ପାଇଁ ଗଠିତ ବିଜେପିର ୪ଟି ଟିମ୍ ର ରିପୋର୍ଟ ହସ୍ତଗତ ହେବାପରେ ବିଧାନସଭା ଗୃହରେ ଏ ସଂପର୍କରେ ମଧ ଆଲୋଚନା କରାଯିବ । ସେହିପରି ଦିନ ଦ୍ୱିପ୍ରହରରେ ବିଟ୍ ରାଜରାସ୍ତାରେ ହତ୍ୟା, ରାହାଜାନୀ ଏବଂ ଏ ସମସ୍ତ ଘଟଣାରେ ଶାସକ ବିଜେଡିର ମନ୍ତ୍ରୀ, ନେତା ଓ କର୍ମୀଙ୍କ ପ୍ରତ୍ୟକ୍ଷ ସଂପୃକ୍ତି, ଦୁଇ-ତିନି ଦିନ ତଳେ ବାଲେଶ୍ୱରରେ ବିଟ୍ ରାସ୍ତାରେ ହତ୍ୟା, ବହୁଚର୍ଚ୍ଚିତ ମାନସ ଦାସ୍ ଘଟଣାରେ ଶାସକ ଦଳର ମନ୍ତ୍ରୀ ଓ ନେତାଙ୍କ ସଂପୃକ୍ତି, ମାହାଙ୍ଗା ଡବଲ ମର୍ଡର ତଦନ୍ତ ଘଟଣାରେ ଚଂଚକତା ଆଦି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପଦାରେ ପକାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ସତ୍ୱେ ରାଜ୍ୟ ସରକାରଙ୍କ ପଛୁଆ ଓ ଆର୍ଥିକ ଅନଗ୍ରସର ସଂରକ୍ଷଣ କ୍ଷେତ୍ରରେ ପଛଘୁଂଚା ଦେବା ପ୍ରସଙ୍ଗରେ ବିଜେପି ତରଫରୁ ପ୍ରଶ୍ନ କରାଯିବ ବୋଲି ଶ୍ରୀ ମାଝୀ ସୂଚନା ଦେଇ କହିଛନ୍ତି । ଭୋଟ୍ ବ୍ୟାଂକ ନାଁରେ ବିଜେଡିର ରାଜନୀତିକୁ ବିଜେପି ତରଫରୁ ବିରୋଧ କରାଯିବ ।

# ଭୁବନେଶ୍ୱରରେ ଭାରତୀୟ ରେଳବାଇ ମହିଳା କବାଡି ଟିମ୍ ପାଇଁ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧/୯ (ନି.ପ୍ର): ଡିସେମ୍ବର, ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ସିନିୟର ନ୍ୟାସନାଲ କବାଡି ଚାମ୍ପିଅନସିପକୁ ଦୃଷ୍ଟିରେ ରଖି; ଭାରତୀୟ ରେଳ କ୍ରୀଡା ପ୍ରୋତ୍ସାହନ ବୋର୍ଡ (ଆଇଆର୍‌ଏସ୍‌ପିବି) ଭୁବନେଶ୍ୱରର ପୂର୍ବ ତଟ ରେଳପଥ ଇନଡୋର ଷ୍ଟାଡିୟମରେ ଏହାର ମହିଳା କବାଡି ଦଳ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରିବ। ଏହି ଶିବିର ୧୩ ସେପଟ୍ଟେମ୍ବରରୁ ୧୩ ଅକ୍ଟୋବର, ୨୦୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱରର ପ୍ରଶିକ୍ଷଣ ଶିବିରରେ କବାଡି ଖେଳାଳି, କୋଚ୍, ଅଧିକାରୀ ଏବଂ ସହାୟକ କର୍ମଚାରୀଙ୍କ ସମେତ ପ୍ରାୟ ୩୦ ଜଣ କ୍ରୀଡ଼ା କର୍ମଚାରୀ ଅଂଶଗ୍ରହଣ କରିବେ। ପ୍ରଶିକ୍ଷଣ ତଥା ସମ୍ପୂର୍ଣ୍ଣ ଶିବିରରେ ବିଶିଷ୍ଟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କବାଡି ଖେଳାଳିଙ୍କୁ ମଧ ଦେଖିବାକୁ ମିଳିବ।

# କାର୍ଯ୍ୟକ୍ଷମ ହେଲା ଏନ୍‌ଟିପିସି ଦର୍ଲିପାଲିର ଦ୍ୱିତୀୟ ୟୁନିଟ୍

ଭୁବନେଶ୍ୱର,୧/୯ (ନି.ପ୍ର): ଏନ୍‌ଟିପିସି ଦର୍ଲିପାଲି ସୁପର ପାୱାର ଷ୍ଟେସନର ଦ୍ୱିତୀୟ ୟୁନିଟ୍ ସେପ୍ଟେମ୍ବର ୧ ତାରିଖରୁ ବ୍ୟବସାୟିକ ଭାବେ କାର୍ଯ୍ୟ ଆରମ୍ଭ କରିବ। ଏହି ଅବସରରେ ଏନ୍‌ଟିପିସି ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପୂର୍ବାଂଚଳ-୨) ଶ୍ରୀ ଏସ୍.କେ. ସତ୍ୟ କହିଛନ୍ତି ଯେ ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ୨ୟ ୟୁନିଟ୍‌ରେ ପରୀକ୍ଷାମୂଳକ ଉତ୍ପାଦନ ଗତ ଜୁଲାଇ ୨୧ ତାରିଖରେ ଶେଷ ହୋଇଛି ଏବଂ ସେପ୍ଟେମ୍ବର ୧ ତାରିଖରୁ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହେବ। ୧୬୦୦ ମେଗାୱାଟ ଏହି ପାୱାର ପ୍ରୋଜେକ୍ଟ ଦ୍ୱାରା ଉତ୍ପାଦିତ ଶକ୍ତିର ଶତକଡ଼ା ୫୦ ଭାଗ ଓଡ଼ିଶାକୁ ମିଳିବ। ଅବଶିଷ୍ଟ ୫୦ ଭାଗ ବିହାର, ଝାଡ଼ଖଣ୍ଡ, ସିକିମ୍ ଏବଂ ପର୍ଶ୍ଚିମବଙ୍ଗକୁ ବିକ୍ରି ହେବ। କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ(ସିଇଆର୍‌ସି) ସହିତ ହୋଇଥିବା ବିଦ୍ୟୁତ୍ କ୍ରୟ ଚୁକ୍ତି ଅନୁଯାୟୀ ଦର୍ଲିପାଲି ପ୍ଲାଂଟରୁ ବିଦ୍ୟୁତ୍‌ର ମୂଲ୍ୟ ୟୁନିଟ୍ ପିଛା ୨ଟଙ୍କା ୯୦ ପଇସା ହେବ। ବିଦ୍ୟୁତର ନିର୍ଦ୍ଧାରିତ ମୂଲ୍ୟ ୧ଟଙ୍କା ୯୦ ପଇସା ଥିବାବେଳେ, ପରିବର୍ତ୍ତନଶୀଳ ମୂଲ୍ୟ ୟୁନିଟ୍ ପିଛା ୧ ଟଙ୍କା ନିର୍ଦ୍ଧାରଣ କରାଯାଇଅଛି। ଏନ୍‌ଟିପିସି ଏହି ପ୍ରକଳ୍ପରେ ୧୩,୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ କରିସାରିଛି, ଯାହାର ଆନୁମାନିକ ମୂଲ୍ୟ ୧୩,୭୦୦ କୋଟି ଟଙ୍କା ଅଟେ। କେତେକ କାର୍ଯ୍ୟ ଯଥା ପ୍ଲାଂଟର କୋଇଲା ପରିବହନ ନିମନ୍ତେ ରେଲୱେ ଲାଇନ୍‌ର ନିର୍ମାଣ ଏବଂ ଝାରସୁଗୁଡ଼ା ଜିଲ୍ଲାର ଲାଇକେରା ଏବଂ କେଚୋବାହାଲ ଷ୍ଟେସନରେ ରେଲୱେ ସାଇଡିଂକୁ ଯୋଡ଼ିବା ନିମନ୍ତେ ମେରୀ ଗୋ ରାଉଣ୍ଡ(ଏମ୍‌ଜିଆର୍)ର ନିର୍ମାଣ ପ୍ରଗତିଶୀଳ ରହିଅଛି। ଜୁନ୍ ୨୦୨୨ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି।

# ରେଳ ବିଭାଗ ଯୁବ ପରିଷଦର ସର୍ବଦଳୀୟ ସଭା

ଭୁବନେଶ୍ୱର,୧/୯ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ଅବସରରେ ରେଳ ବିହାର ମାର୍କେଟ କମ୍ପ୍ଲେକ୍ସଠାରେ ରେଳ ବିଭାଗ ଯୁବ ପରିଷଦ ପକ୍ଷରୁ ଏକ ସର୍ବଦଳୀୟ ସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତ୍ୟୁଷ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ବିଜେଡ଼ି ମୁଖପାତ୍ର ସୁଲତା ଦେଓ, କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ବିଜେପି ଓବିସି ସେଲ୍ ଅଧକ୍ଷ ସୁରଥ ବିଶ୍ୱାଳ, ସିପିଏମ୍ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସର ଅନ୍ୟତମ ମୁଖପାତ୍ର ପ୍ରଶାନ୍ତ ଶତପଥୀ, ବିଜେପି ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧକ୍ଷା ଅର୍ପିତା ଅପରାଜିତା ବଡ଼ଜେନା, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଚଳଚ୍ଚିତ୍ର ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ଛାତ୍ର କଂଗ୍ରେସ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର, ସମାଜସେବୀ ନିବେଦିତା ଲେଙ୍କା ଏବଂ ବିଦାୟୀ କର୍ପୋରେଟର ସୌଭାଗ୍ୟ ବାରିକ ପ୍ରମୁଖ ଯୋଗ ଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଦଳମତ ଉର୍ଦ୍ଧ୍ୱରେ ରହି ଐକ୍ୟବଦ୍ଧ ଭାବେ କାର୍ଯ୍ୟ କଲେ ଦେଶ, ରାଜ୍ୟ ଓ ଅଂଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ଦଳର ନେତାମାନେ ଏକାଠି ହୋଇପାରିବା ଯେମିତି ସମାଜ ପାଇଁ ଶୁଭ ଲକ୍ଷଣ, ଠିକ୍ ସେହିପରି ବିଭିନ୍ନ ଧର୍ମ ଓ ବିଚାର ମଧ୍ୟ ଏକାଠି ରହିବା ଭାରତର ଆତ୍ମା ଓ ଐତିହ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସଫେଇ କର୍ମଚାରୀ, ବିଦ୍ୟୁତ୍ ବିଭାଗର କର୍ମଚାରୀ, ଅଟୋ ମହାସଂଘର କର୍ମକର୍ତ୍ତା, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ସୁରକ୍ଷା କର୍ମୀ ଏବଂ ଶ୍ରମଜୀବୀ ମଣିଷମାନଙ୍କୁ ରାଷ୍ଟ୍ର ଗଠନରେ ସେମାନଙ୍କର ଭୂମିକା ସକାଶେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଅନୁଜ ଜେନା, ସମ୍ପାଦକ ସରୋଜ ନାୟକ ଏବଂ ଅନୁସୟା ବାରିକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟରେ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ଦିଆଯାଉ : କଂଗ୍ରେସ

ଭୁବନେଶ୍ୱର,୧/୯ (ନି.ପ୍ର): ଓଡ଼ିଶାରେ ଜାତିଭିତିକ ଜନଗଣନା କରାଯାଉ। ତତ୍‌ସହିତ ରାଜ୍ୟରେ ପଛୁଆବର୍ଗ ଜାତିର ଲୋକମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭% ସଂରକ୍ଷଣ ବ୍ୟବସ୍ଥା କରାଯାଉ। ରାଜ୍ୟର ମୋଟ ଜନସଂଖ୍ୟାର ୬୨%ରୁ ଅଧିକ ଲୋକ ପଛୁଆ ବର୍ଗର ଅଟନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଏ ରାଜ୍ୟରେ ପଛୁଆ ଜାତିର ଯୁବକ ଯୁବତୀ ମାନଙ୍କୁ ଏ ସରକାର ଆଜି ପର୍ଯ୍ୟନ୍ତ ତାଙ୍କର ହକ୍ ପ୍ରଦାନ କଲେ ନାହିଁ ବର୍ଷ ବର୍ଷ ଧରି ଏମାନଙ୍କୁ ପ୍ରତାରିତ କରାଗଲା। ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ କେବଳ ନାଟକବାଜି କଲେ କିନ୍ତୁ ପ୍ରକୃତ ସମସ୍ୟାକୁ ନିଷ୍ପାର ସହିତ ସମାଧାନ କରିବା ଓ ଓଡ଼ିଶାର ଏହି ବର୍ଗର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ବାଧକ କେବଳ ସାଜିଲେ। ଆଜି ରାଜ୍ୟ କଂଗ୍ରେସର ପଛୁଆ ବର୍ଗ ପ୍ରକୋଷ୍ଠର ଅଧକ୍ଷ ଜ୍ଞାନଦେବ ବେଉରାଙ୍କ ଅଧକ୍ଷତାରେ ଏକ ପଥପ୍ରାନ୍ତ ସଭା ମାଷ୍ଟରକ୍ୟାଂଟିନ ଛକ ରେ କରାଯାଇଥିଲା। ଏହି ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ରାଜ୍ୟରେ ଜାତିଭିର୍ତିକ ଜନଗଣନା କରାଯାଉ ଏବଂ ଓଡ଼ିଶାର ପଛୁଆବର୍ଗ ମାନଙ୍କ ପାଇଁ ଉଦିଷ୍ଟ ସଂରକ୍ଷଣ ଲାଗୁ କରାଯାଉ। ପିସିସି ମିଡିଆ ସେଲ ଅଧକ୍ଷ ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟର କହିଲେ ଯେ ରାଜ୍ୟରେ ଏକ ସର୍ବଦଳୀୟ ସଂକଳ୍ପ ପଛୁଆବର୍ଗଙ୍କ ପାଇଁ ଉର୍ଦ୍ଧଷ୍ଟ ସଂରକ୍ଷଣକୁ ଲାଗୁ କରିବାପାଇଁ ପାରିତ କରାଯାଉ ଏବଂ ସର୍ବଦଳୀୟ ନେତୃବୃନ୍ଦ ପ୍ରଧାନମନ୍ତ୍ରୀଙ୍କୁ ଭେଟି ବିଚାରଳୟ ଦ୍ୱାରା ୫୦% ସଂରକ୍ଷଣ ସୀମାରେଖାକୁ ଉଠାଇବା ପାଇଁ ଦାବି କରାଯାଉ। ଏହି ସଭାରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଅଖିଳଭାରତୀୟ ସଂପାଦକ ଜି. ରୁଦ୍ର ରାଜୁ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜିବ ଗିରି, ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, କିଷାନସେଲ ଅଧକ୍ଷ ଅମୀୟ ପଟ୍ଟନାୟକ, କୈଳାସ ଚନ୍ଦ୍ର ସାହୁ, ଆକାଶ ଭୂୟାଁ, ଅରୁଣ ସାମଲ, ଦିଲ୍ଲୀପ ନାୟକ, ଦେବୀ ପ୍ରସାଦ ବାହାଲିଆ, କୈଳାସ ସାହୁ, ଜିଲ୍ଲା ସଭାପତି, ଜିଲ୍ଲା ପର୍ଯ୍ୟବେକ୍ଷକ ଏ ପଥପ୍ରାନ୍ତ ସଭାରେ ଯୋଗ ଦେଇଥିଲେ।

## ପରିବର୍ତ୍ତିତ ମାର୍ଗରେ ଚାଲିବ ନୀଳାଚଳ ଏକ୍ସପ୍ରେସ୍

ଭୁବନେଶ୍ୱର,୧/୯ (ନି.ପ୍ର): ଉତର ରେଳପଥର ଲକ୍ଷ୍ନୌ-ରାଏ ବରେଲୀ-ପ୍ରତାପଗଡ଼-ବାରଣାସୀ ରେଳ ମାର୍ଗର ଗଙ୍ଗାଗଞ୍ଜ, ରାଏ ବରେଲୀ ଓ ରୂପମାଉ ଷ୍ଟେସନ ମଧ୍ୟରେ ଦୋହରି କାରଣ କାର୍ଯ୍ୟ ଜନିତ ରାଏ ବରେଲୀ ଠାରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୁରୀ ଓ ନୂଆ ଦିଲ୍ଲୀ ଆନନ୍ଦ ବିହାର ମଧ୍ୟରେ ଚଳାଚଳ କରୁଥିବା ନୀଳାଚଳ ବିଶେଷ ଟ୍ରେନ ସାମୟିକ ଭାବେ ମାର୍ଗ ପରିବର୍ତନ କରି ଚଳାଚଳ କରିବ ।

୦୨୮୭୫/୦୨୮୭୬ ପୁରୀ - ଆନନ୍ଦ ବିହାର - ପୁରୀ ନୀଳାଚଳ ବିଶେଷ ଟ୍ରେନ ଉଭୟ ପୁରୀ ଓ ଆନନ୍ଦ ବିହାର ପାର୍ଶ୍ୱରୁ ଅଗଷ୍ଟ ମାସ ୩୧ ତାରିଖ, ସେପ୍ଟେମ୍ବର ମାସ ୩, ୫, ୭,୧୦ ଏବଂ ୧୨ ତାରିଖ ଦିନ ଅମେଥି, ଗୌରୀ ଗଞ୍ଜ ଓ ରାଏ ବରେଲୀ ଷ୍ଟେସନ ରେ ରହଣି ନକରି ପରିବର୍ତ୍ତିତ ମାର୍ଗ ପ୍ରତାପଗଡ଼-ସୁଲତାନପୁର-ଲକ୍ଷ୍ନୌ ମାର୍ଗ ହୋଇ ଚଳାଚଳ କରିବ ।

# କୋଟିଆ ସମାଧାନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲା ସମାଜବାଦୀ ପାର୍ଟି

## ଅମିତ୍ ଶାହାଙ୍କୁ ଚିଠି ଲେଖିଲେ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା

ଭୁବନେଶ୍ୱର,୧/୯ (ନି.ପ୍ର): କୋଟିଆ ଅନୁପ୍ରବେଶ ମୋକଦ୍ଦମାର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଖାନ୍‌ୱାଲିକର ଓ ବିଚାରପତି ସଞ୍ଜିବ୍ ଖାନାଙ୍କ ଖଣ୍ଡପୀଠ ଘଟଣାର ରାଜନୈତିକ ସମାଧାନ ୬ ସପ୍ତାହ ମଧ୍ୟରେ କରିବା ପାଇଁ ଆଜି ଏକ ମୌଖିକ ଆଦେଶ ପ୍ରଦାନ କରିଛନ୍ତି। ଆନ୍ଧ୍ରପ୍ରଦେଶ ବାରମ୍ବାର ଦୀର୍ଘଦିନ ଧରି କୋଟିଆକୁ ଜବରଦଖଲ କରି ନିଜ ରାଜ୍ୟରେ ମିଶାଇବା ପାଇଁ ଯେଉଁ ଅପଚେଷ୍ଟା କରୁଛି, ତାହା ଦୁଇ ରାଜ୍ୟ ମଧ୍ୟରେ ସହଜରେ ସମାଧାନ ହେବା ଆଶା କ୍ଷୀଣ । ତେଣୁ ଏହି ଜବରଦଖଲର ରାଜନୈତିକ ସମାଧାନ କରିବା ପାଇଁ ଭାରତ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରତ୍ୟେକ୍ଷ ଭାବରେ ହସ୍ତକ୍ଷେପ କରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କର ବୈଠକ ଡାକି କୋଟିଆ ସମସ୍ୟାର ଚିରସ୍ଥାୟୀ ସମାଧାନ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମିତ୍ ଶାହାଙ୍କୁ ଏକ ପତ୍ର ଲେଖି ସୁପ୍ରିମକୋର୍ଟର ଉପଦେଶ ଅନୁସାରେ ଆଗାମୀ ୬ ସପ୍ତାହ ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ବୈଠକ ଡାକି କୋଟିଆ ଅନୁପ୍ରବେଶର ପୂର୍ଣ୍ଣଚ୍ଛେଦ ପକାଇ ଏହାର ଚିରସ୍ଥାୟୀ ସମାଧାନ ଦାବି କରିଛନ୍ତି । ଏଠାରେ ଉଲ୍ଲେଖଥାଉକି, ଆନ୍ଧ୍ରପ୍ରଦେଶ ସରକାର କୋଟିଆରେ ଅନୁପ୍ରବେଶ କରି ଗତ ଫେବୃୟାରୀ ୧୩ ତାରିଖ ଦିନ ସେଠାରେ ପଂଚାୟତ ଓ ଜିଲ୍ଲା ପରିଷଦ ନିର୍ବାଚନ ଅନୁଷ୍ଠିତ କରାଇଛି । ସେହିଭଳି ଗତ ସପ୍ତାହରେ ଆନ୍ଧ୍ର ସରକାର କୋଟିଆ ଅଂଚଳରେ ଏକ ପଶୁ ଚିକିତ୍ସା ଶିବିର କରିବା ସହିତ ଏଠାରେ ବ୍ୟାପକ ବୃକ୍ଷରୋପଣ ପାଇଁ ଚାରାବଂଟନ କାର୍ଯ୍ୟକ୍ରମ ମଧ ହାତକୁ ନେଇଥିଲେ। ଗତ ୧୬ ତାରିଖ ଦିନ ବିଜୟନଗରମ୍‌ର ବିଧାୟକ କୋଟିଆ ଅଂଚଳରେ ପ୍ରବେଶ କରିବା ପାଇଁ ଯେଉଁ ଉଦ୍ୟମ କରିଥିଲେ, ତାହାକୁ କୋରାପୁଟ ଜିଲ୍ଲା ପ୍ରଶାସନ ଓ କୋରାପୁଟରୁ ସର୍ବଦଳୀୟ ରାଜନେତାମାନେ ପଣ୍ଡ କରିଦେଇଥିଲେ । ଆନ୍ଧ୍ରର ବାରମ୍ବାର ଏହି ଉଦ୍ୟମକୁ ବନ୍ଦ କରି ଘଟଣାର ସମାଧାନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର ହସ୍ତକ୍ଷେପ ଜରୁରୀ ବୋଲି ସମାଜବାଦୀ ପାର୍ଟି ମନେକରେ । ତେଣୁ ସୁପ୍ରିମକୋର୍ଟର ଉପଦେଶ ଅନୁଯାୟୀ ଏହାର ରାଜନୈତିକ ସମାଧାନ ପାଇଁ ଉଭୟ ମୁଖ୍ୟମନ୍ତ୍ରୀ ବସି ଆଲୋଚନା କରିବାର ଆବଶ୍ୟକତା ରହିଛି । ଏହା ସମ୍ଭବ ହୋଇପାରିବ କେବଳ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର ହସ୍ତକ୍ଷେପ ଫଳରେ । ତେଣୁ ଯେତେଶୀଘ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘଟଣାରେ ହସ୍ତକ୍ଷେପ କରି କୋଟିଆର ଚିରସ୍ଥାୟୀ ସମାଧାନ କରିବାକୁ ଶ୍ରୀ ବେହେରା ଏହି ଚିଠିରେ ଦାବି କରିଛନ୍ତି ।

# କଂଗ୍ରେସ ଭବନରେ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୧/୯ (ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାରଙ୍କ ଦ୍ୱାରା ଆଜି କଂଗ୍ରେସ ଭବନ ଠାରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ଏହି ପଂଚାୟତ ରାଜ କମିଟି ଅଧକ୍ଷ ଯଜ୍ଞେଶ୍ୱର ବାବୁ ଏହି କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ। ଡ. ଚେଲା କୁମାର ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ବୋଧନ ଦେଇ କହିଲେ ଦଳୀୟ ଶୃଙ୍ଖଳା ଅତି ଦୃଢ଼ ଭାବରେ କାର୍ଯ୍ୟକାରୀ କରାଯିବ। ଯିଏ ଯେକୌଣସି ପଦପଦବୀରେ ଥାଆନ୍ତୁ ନା କାହିଁକି ଦଳୀୟ ଶୃଙ୍ଖଳା ଅମାନ୍ୟକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଶୃଙ୍ଖଳା ପ୍ରଗତିର ପ୍ରଥମ ପାହାଚ। ଶୃଙ୍ଖଳା ବିନା ପ୍ରଗତି ଅସମ୍ଭବ। ବିଶୃଙ୍ଖଳା ସୃଷ୍ଟି କରୁଥିବା କର୍ମୀ ଓ ନେତୃବର୍ଗଙ୍କ ପାଇଁ କଂଗ୍ରେସର ସ୍ଥାନ ନାହିଁ। ଆସନ୍ତା ଦିନରେ ରାଜ୍ୟ କଂଗ୍ରେସ ସାରା ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାର ବ୍ଲକସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିବ। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ଜିଲ୍ଲା ସଭାପତି ତଥା ବିଭିନ୍ନ ଜିଲ୍ଲା ପର୍ଯ୍ୟବେକ୍ଷକ, ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧକ୍ଷ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ସାଧୁତା, ନିଷ୍ଠା ଓ ଏକତ୍ର ଭାବ କଂଗ୍ରେସ ଦଳକୁ ଶଶକ୍ତ କରିବାପାଇଁ ଏକାନ୍ତ ଅପରିହାର୍ଯ୍ୟ।

# ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ଭାବେ ପାଳିଲା ବିଜେପି

ଭୁବନେଶ୍ୱର,୧/୯ (ନି.ପ୍ର): ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସିଟିର ମାନ୍ୟତା ପାଇବା ସତ୍ୱେ ବାସ୍ତବ ଚିତ୍ରରୁ ବହୁ ଦୂରରେ ରହିଯାଇଛି । ରାଜ୍ୟ ସରକାର ଏବଂ ବିଏମସି ପ୍ରଶାସନର ଅବହେଳା କାରଣରୁ ରାଜଧାନୀ ବହୁ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ । ତେଣୁ ଆଜି ପାଳନ ହେଉଥିବା ସ୍ୱାୟତ ଶାସନ ଦିବସକୁ କଳା ଦିବସ ଭାବେ ଜିଲ୍ଲା ବିଜେପି ତରଫରୁ ପାଳନ କରାଯାଇ ବିଏମସି ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି ।

ବିଶେଷ ଭାବେ ରାସ୍ତାଘାଟ, ଡ୍ରେନେଜ ଅବ୍ୟବସ୍ଥା, ଅସରାଏ ବର୍ଷା ହେଲେ ରାଜଧାନୀରେ କୃତ୍ରିମ ବନ୍ୟା ସୃଷ୍ଟି ହେବା, ଡେଙ୍ଗୁ ରୋଗ ସମସ୍ୟା ଆଦି ବିଭିନ୍ନ ସମସ୍ୟା ପାଇଁ କିଏ ଦାୟୀ ଏବଂ ରାଜଧାନୀ ଭୁବନେଶ୍ୱରବାସୀଙ୍କ ପାଇଁ ଗତ ୨୧ବର୍ଷ ଶାସନରେ ରାଜ୍ୟ ସରକାର କଣ ବିକାଶମୂଳକ କାର୍ଯ୍ୟ କରିଛନ୍ତି ବୋଲି କଳା ଦିବସ ଅବସରରେ ଜିଲ୍ଲା ବିଜେପି ତରଫରୁ ଧାରଣ ଦିଆଯିବା ଅବସରରେ ଜିଲ୍ଲା ସଭାପତି ବାବୁ ସିଂ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଛୋଟରାୟ, ଦିଲ୍ଲୀପ ବେହେରା ଓ ଅଭିଷେକ ଆଚାର୍ଯ୍ୟ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଉନ୍ମୋଚିତ ହେଲା 'ଶବ୍ଦକୁଞ୍ଜ' ସାହିତ୍ୟ ପତ୍ରିକା



ବାଲେଶ୍ୱର,୦୧/୦୯ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ତିଥିରେ ବାଲେଶ୍ୱର ସହରସ୍ଥ ରାଧାକୃଷ୍ଣ ମନ୍ଦିର ପରିସରରେ ଶବ୍ଦକୁଞ୍ଜ ସାହିତ୍ୟ ପରିବାରର ବାର୍ଷିକ ମୁଖପତ୍ର ୨୦୨୧ର ପ୍ରଥମ ସଂଖ୍ୟା 'ଶବ୍ଦକୁଞ୍ଜ'ର ଶୁଭଲୋକାର୍ପଣ କୋଭିଡ୍ କଟକଣା ମଧ୍ୟରେ ନିରାଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀରାଧାମାଧବଙ୍କ ଯୁଗଳମୂର୍ତ୍ତିରେ ଶବ୍ଦକୁଞ୍ଜ ପରିବାରର ସଦସ୍ୟମାନେ ପୂଜାଆରାଧନା କରି ଶ୍ରୀଜୀଉଙ୍କଠାରେ ଏହି ପ୍ରଥମ ସଂଖ୍ୟାକୁ ସମର୍ପଣ କରିଥିଲେ । ଏହାପରେ ଶବ୍ଦକୁଞ୍ଜର ସହସମ୍ପାଦିକା କବୟିତ୍ରୀ ଶ୍ରୀମତୀ ସଙ୍ଗୀତା ବାରିକ ଜଗନ୍ନାଥ ସ୍ତୋତ୍ର ପାଠକରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶାସାହିତ୍ୟ ଏକାଡ଼େମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ଯୋଗଦେଇ ଶବ୍ଦକୁଞ୍ଜ ପତ୍ରିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି କହିଥିଲେ ଯେ, ଶବ୍ଦକୁଞ୍ଜ ପରିବାରର ଏଭଳି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ଦୀର୍ଘଦିନ ଧରି ଏହି ଶବ୍ଦକୁଞ୍ଜ ସାହିତ୍ୟ ପରିବାର ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ତଥା ସ୍ରଷ୍ଟାମାନଙ୍କୁ ପାଠକଙ୍କ ନିକଟରେ ପରିଚୟ କରାଇବା ଦିଗରେ ଯେଭଳି ପ୍ରୟାସ କରିଆସୁଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ । ସ୍ରଷ୍ଟାମାନେ ସବୁ ସମୟରେ ସମାଜ ସଚେତନ ହୋଇ ନିଜର ଲେଖାରେ ସେଗୁଡ଼ିକୁ ପ୍ରତିଫଳନ କଲେ ତାହା ଅଧିକ ଜନାଦୃତ ଘଟିବ ବୋଲି ଶ୍ରୀ ପଣ୍ଡା କହିଥିଲେ । ଉତ୍ସବରେ ସମ୍ମାନିତଅତିଥି ଭାବେ ଅଧ୍ୟାପକ ସୁକାନ୍ତ କୁମାର ଗିରି, କବି ଦୁର୍ଯ୍ୟୋଧନ ବାରିକ, କବୟିତ୍ରୀ ସୁଷମା ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଶବ୍ଦକୁଞ୍ଜର ମୁଖ୍ୟ ସମ୍ପାଦକ ଗୌରଗୋପାଳ ଦାସ, ପ୍ରତିଷ୍ଠାତା ସମ୍ପାଦକ କାର୍ତ୍ତିକ ସେଠୀ, ସଦସ୍ୟ ଜୁମରନାଥ ପାତ୍ର ଶବ୍ଦକୁଞ୍ଜ ପରିବାରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଉପସ୍ଥିତ ରହିଥିଲେ ଦେବବ୍ରତ ଜେନା, ଅକ୍ଷୟ କୁମାର ବେହେରା, ରାଜେଶ୍ୱରୀ ପଣ୍ଡା, କଣ୍ଠଶିଳ୍ପୀ ମମତା ହାଜରା, ନବକୁମାର ଦାସ, ହରେରାମ ଦାସ, ମନ୍ମଥ କୁମାର ମଣ୍ଡଳ, ଅମରେନ୍ଦ୍ର ଦାସ, ବିଜୟ କୁମାର ଦାସ, ଭବଶଙ୍କର କରଣ, ପ୍ରଦୋଷ ରଞ୍ଜନ ବାରିକ ପ୍ରମୁଖ କବିବୃନ୍ଦ । ଶେଷରେ କବୟିତ୍ରୀ ସଙ୍ଗୀତା ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତେ ପବିତ୍ର ଜନ୍ମାଷ୍ଟମୀରେ ପ୍ରସାଦ ସେବନରେ ସମବେତ ହୋଇ କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ ।

## ପ୍ରଧାନମନ୍ତ୍ରୀ ଜନଔଷଧି ବ୍ୟବସ୍ଥା ଲୋକାର୍ପିତ

ଜଳେଶ୍ୱର ୧/୯(ନି.ପ୍ର) : କମ୍ ମୂଲ୍ୟରେ ଦରକାରୀ ଔଷଧ ଜନସାଧାରଣଙ୍କୁ ଯୋଗାଇବା ପ୍ରଧାନମନ୍ତ୍ରୀ ଜନଔଷଧି ବ୍ୟବସ୍ଥାର ଲକ୍ଷ୍ୟବୋଲି ଆଜି ଜଳେଶ୍ୱର ଇନ୍ ହୋଟେଲଠାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ସେଠାରେ ମଧୁଛନ୍ଦା ମହାନ୍ତିଙ୍କ ପ୍ରଯୋଜିତ ଏପରି ଏକ ବ୍ୟବସ୍ଥାକୁ ପୌରଅଧିକାରୀ ଅଜୟ ମହାପାତ୍ର ଓ ଉପଜେଲର ଅନୁସୂୟା ଷଡଙ୍ଗୀ ଉଦ୍‌ଘାଟନି କରିଛନ୍ତି । କେତେକ କମ୍ପାନୀ ଔଷଧର ମୂଲ୍ୟବୃଦ୍ଧି କରିଚାଲିଥିବା ବେଳେ ରୋଗୀ ଓ ଜନସାଧାରଣଙ୍କୁ କମ୍‌ମୂଲ୍ୟରେ ଔଷଧ ଯୋଗାଇବା ଲକ୍ଷ୍ୟନେଇ ପ୍ରଧାନମନ୍ତ୍ରୀ ଜନଔଷଧି ବ୍ୟବସ୍ଥା ଆରମ୍ଭ ହୋଇଥିବା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଇନ୍‌ଜିବି ଚିନ୍ମୟ ଦାସ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ଡ. ଅଜିତ୍ ମହାନ୍ତି, ଓଷ୍ଟର ପୂର୍ବତନ ଯୁଗ୍ମ ସଂପାଦକ ଅକ୍ଷୟ ମିଶ୍ର, ସତ୍ୟମୟ ଆଚାର୍ଯ୍ୟ, ଅରୁଣ ବେଜ, କମଳ ଚକ୍ରବର୍ତ୍ତୀ, ଶରତ ପରିଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ମଧୁ ଛନ୍ଦା ମହାନ୍ତି ପରିଚାଳନା କରିଥିଲେ ।

## ବାଲିମାଫିଆଙ୍କ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ମାମଲା : ୨ ମୁଦାଲାଙ୍କ ଜାମିନ ନାମାଞ୍ଜୁର

ଜଳେଶ୍ୱର,୦୧/୦୯ (ନି.ପ୍ର): ଗତ ଅଗଷ୍ଟ ୨ ତାରିଖରେ କେତେକ ବାଲି ମାଫିଆ ଭୋଗରାଇର ଅତିରିକ୍ତ ତହସିଲଦାରଙ୍କୁ ମାଡମାରି ଲହୁଲୁହାଣ କରିଥିବା ଅଭିଯୋଗରେ ଡମ୍ପରର ଡ୍ରାଇଭର ଓ ହେଲପରଙ୍କ ଜାମିନକୁ ଜଳେଶ୍ୱରର ସହକାରୀ ଦୌରାଜଜ୍ ଜାମିନ୍ ନାମାଞ୍ଜୁର କରିଛନ୍ତି । ପ୍ରକାଶଯୋଗ୍ୟ ଘଟଣାର ମୁଖ୍ୟ ଆସାମୀକୁ ଧରିବାରେ ପୁଲିସ୍ ବିଫଳ ହୋଇଛି । ଭୋଗରାଇର ଅତିରିକ୍ତ ତହସିଲଦାର ଗତ ୨-୮-୨୧ରେ ଏକ ସରଜମିନ୍ ତଦନ୍ତରୁ ଫେରୁଥିବା ବେଳେ ଏକ ବାଲି ବୋଝେଇ ଡମ୍ପରକୁ ଅଟକାଇ ଆବଶ୍ୟକ କାଗଜପତ୍ର ମାଗିଥିଲେ । ଜଳେଶ୍ୱରପୁର ଗାଁର ଭରତ ସିଂ ଓ ହେଲପର ଦେହୁର୍ଦ୍ଦା ଗାଁର ଲିପୁ ନାଥ ଆବଶ୍ୟକ କାଗଜପତ୍ର ଦେଖାଇ ପାରିନଥିଲେ । କିନ୍ତୁ କିଛି ସମୟପରେ କେତେକ ଗୁଣ୍ଡାଶ୍ରେଣୀର ବ୍ୟକ୍ତି ପିସ୍ତଲ, ଭୂଜାଲି ଦେଖାଇ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ କରିଥିବା ବେଳେ ତାଙ୍କ ବେକରେ ଥିବା ସୁନାଚେନ୍‌କୁ ଛିଣ୍ଡେଇ ନେଇଥିଲେ । ଏଥିନେଇ କମର୍ଦ୍ଦା ଥାନାରେ ୩୪୧, ୩୨୩, ୩୨୫, ୩୦୭, ୧୮୬, ୩୫୩, ୩୭୯, ୫୦୬ ତଥା ୩୪ ଆଇପିସି ଏବଂ ଲଘୁ ଖଣିଜଦ୍ରବ୍ୟ ଆଇନ୍ ଓ ମାରଣାସ୍ତ୍ର ଆଇନ୍‌ମୂଳେ ମୋକର୍ଦ୍ଦମା ରୁଜୁ ହୋଇଥିଲା । ଗତ ୫-୮-୨୧ରେ ଉପରୋକ୍ତ ୨ ଜଣଙ୍କୁ ପୁଲିସ୍ ଗିରଫ କରିଥିବା ବେଳେ ମୁଖ୍ୟ ଆସାମୀ ଓ ଅନ୍ୟମାନଙ୍କୁ ପୁଲିସ୍ ଅଦ୍ୟାବଧି ଗିରଫ କରିପାରି ନାହିଁ । ସହକାରୀ ଦୌରାଜଜ୍‌ଙ୍କ ଠାରେ ୨୪ ଦିନ ପରେ ଜାମିନ୍ ଦରଖାସ୍ତ ୮୫/୨୧ ଆବେଦନ ହୋଇଥିବା ବେଳେ ତାହା ମଧ୍ୟ ନାମାଞ୍ଜୁର ହୋଇଛି । ମାମଲାକୁ ସରକାରଙ୍କ ପକ୍ଷରୁ ଏପପି ନିତ୍ୟଗୋପାଳ ଦାସ ପରିଚାଳନା କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୦ ଗିରଫ

ଭୁବନେଶ୍ୱର,୦୧/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୫୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୬୦,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ନୀଳମଣି କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ




ବସ୍ତା,୦୧/୦୯ (ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ର ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଙ୍କ ଅଧ୍ୟକ୍ଷତା ରେ ସ୍ୱଚ୍ଛତା ହିଁ ଦେଶର ମାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଅଧ୍ୟକ୍ଷ ବସନ୍ତ କୁମାର ଭୋଇ ଯୋଗ ଦେଇ ମାନସିକସ୍ତରରେ ସ୍ୱଚ୍ଛତା ରାଷ୍ଟ୍ର ର ବିକାଶ ସାଧନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷକ ଗୌରହରୀ ପ୍ରହରାଜ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ସାହୁ ମଞ୍ଚାସିନ ହୋଇ ସୁସ୍ଥ ଜୀବନଯାପନ ପାଇଁ ସ୍ୱଚ୍ଛତା ଜରୁରୀ ବୋଲି କହିଥିଲେ । ସଂସଦ ର ସାଧାରଣ ସମ୍ପାଦକ ବାଞ୍ଛାନିଧି ଦେ ସ୍ୱାଗତ ଭାଷଣ ଦେଇଥିଲେ କ୍ଷକୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଗଣେଶ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ଦେଶବନ୍ଧୁ ବେହେରା, ସଞ୍ଜୟ ପରିଡା, ସୁରେନ୍ଦ୍ର ଗିରି, ଲକ୍ଷ୍ମୀ ଧର ବେହେରା, ସୁବାସ ଦାସ, ମାନସ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଏକ ସ୍ୱଚ୍ଛତା ଶୋଭାଯାତ୍ରକ୍ଷ ବାହାରି ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲକ୍ଷ । ପ୍ରଶାନ୍ତ ପରିଡା, ସତ୍ୟପ୍ରକାଶ ରାଉତ, ଜ୍ୟୋତିଶଙ୍କର ରଣା, ରଞ୍ଜନ କୁମାର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ ।

# ଦରଡ଼ା ମଣ୍ଡଳ ବିଜେପି କାର୍ଯ୍ୟକାରିଣୀ ବୈଠକ



ବସ୍ତା,୦୧/୦୯ (ନି.ପ୍ର):ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେପି ଦରଡା ମଣ୍ଡଳ ର କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ବସନ୍ତ ବାରିକ ଏଥିରେ ସଭାପତିତ୍ୱ କରିଥିଲେ । ସଙ୍ଗଠନ କୁ ସୁଦୃଢ କରିବା ପାଇ ପ୍ରଧାନ ମନ୍ତ୍ରୀ ଙ୍କ ଜନ କଲ୍ୟାଣ କାରି ଯୋଜନା ବିଷୟରେ ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅବଗତ କରାଇଥିଲେ । ବୈଠକ ରେ ବିଧାୟକ ପ୍ରାଥୀ ରଘୁନାଥଙ୍କ ମହାନ୍ତି, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର , ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଶିବ ଶଙ୍କର ପ୍ରଧାନ, ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ବସ୍ତା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗଙ୍ଗାଧର ମିଶ୍ର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଖଗେନ୍ଦ୍ର ନାୟକ,କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ସାହୁ ମଞ୍ଚା ସିନ ହୋଇଥିଲେ । ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ରବୀନ୍ଦ୍ର ଜୈନ, ବସ୍ତା ମିଡ଼ିଆ ସଂଯୋଯୋଗ ଇ. ଦିବାକର ରାଉତ, ବରିଷ୍ଠ ନେତା ବାସୁଦେବ ପଣ୍ଡା, ସାହାଡ଼ା ମଣ୍ଡଳ ସଭାପତି ଦେବ ବ୍ରତ ନନ୍ଦ, ବସ୍ତା ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି, ଦରଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ଅଜୟ ବେହେରା , ଦରଡ଼ା ମଣ୍ଡଳ ଉପସଭାପତି ଫର୍ଣାଲ୍ ବିଶ୍ୱାଳ, ବରିଷ୍ଠ ନେତା ରତିକାନ୍ତ ମହାରଣା, ନିହାର ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ଜାତୀୟ ପୃଷ୍ଟିକର ସପ୍ତାହ ଓ ରାଷ୍ଟ୍ରିୟ ପୋଷଣ ମାସ ପାଳନ

ଜଳେଶ୍ୱର,୦୧/୦୯ (ନି.ପ୍ର): ସବୁ ବର୍ଷପରି ଆଜି ବୁଧବାର ଜଳେଶ୍ୱର ବ୍ଲକର ପଞ୍ଚୁଘଣ୍ଟା ଠାରେ ଜାତୀୟ ପୃଷ୍ଟିକର ସପ୍ତାହ ଓ ରାଷ୍ଟ୍ରିୟ ପୋଷଣ ମାସ ପାଳିତ ହୋଇ ଯାଇଛି । ଏଥିରେ ପୂର୍ବତନ ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ବିହାରୀ ଭୂୟା ସଭାପତିତ୍ୱ କରି ଏଭଳି ଏକ ଦିବସର ତାତ୍ପର୍ଯ୍ୟ ଓ ପାଳନର ଆବଶ୍ୟକତା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ସିଡିପିଓ ନିହାରିକା ମହାନ୍ତି ଯୋଗ ଦେଇ ସାମ୍ପ୍ରତିକ ବ୍ୟବସ୍ଥା ମଧ୍ୟରେ ସୁଷମ ଖାଦ୍ୟ ଗ୍ରହଣ ଓ ମାସ ଅନୁଯାୟୀ ଖାଦ୍ୟଗ୍ରହଣ ସଂପର୍କରେ କହିଥିଲେ । ଏଥିରେ ବହୁ ଗର୍ଭବତୀ ମହିଳା, କିଶୋରୀ ମାନେ ଯୋଗ ଦେଇ ପୃଷ୍ଟିକର ଖାଦ୍ୟର ଆବଶ୍ୟକତା ଓ ଏହାର ଅଭାବରେ ହେଉଥିବା ବିଭିନ୍ନ ରୋଗ ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ଶିଶୁ ମଂଗଳ ବିଭାଗର ନମିତା ସିଂ, ସୁସ୍ମିତା ପଣ୍ଡା, ଚଞ୍ଚଳା ବାରିକ, ବୈଜୟନ୍ତୀ ମୁଦୁଲି, ସୁକାନ୍ତି ସିଂ, ଆରାଧନ ସାଠୁଆ, କନକଲତା ବାରିକ, ବିନତାମଣି ସିଂ, ସାବିତ୍ରୀ ମହାନ୍ତି, ପାର୍ବତି ହେମ୍ବ୍ରମ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅଂଗନୱାଡି କର୍ମୀ କୁନ୍ତଳା ପାତ୍ର, ପ୍ରିୟଙ୍କା ଜେନା, ସୁଚିସ୍ମିତା ଖଣ୍ଡା, ମମତାରାଣୀ ଜେନା, ଲିଲି ସରେନ୍, ରାଜେଶ୍ୱରୀ କଟାଲ, କାବେରୀ ପାତ୍ର, ଜୟଶ୍ରୀ ଚନ୍ଦ, ସୁଜାତା ରାଓ, ସୀତାରାଣୀ ସାହୁ, ଜାନକୀ ସେଠୀ, ରିନା ଚୌରାସିଆ, ଅଂଜୁମ୍ ଖାତୁନ୍, ଆଜମେରି ବିବି, ମମତା ଚନ୍ଦ, ସଂଧ୍ୟାରାଣୀ କର୍ମକାର ପ୍ରମୁଖ ସହାୟାତା କରିଥିଲେ ।

# କାଠଗୋଛି ପଥର ଖାଦାନରେ କୌଣସି ଅନିୟମିତତା ନେଇ ସ୍ପଷ୍ଟିକରଣ ରଖିଲା ସଂଘ

ନୀଳଗିରି,୦୧/୦୯ (ନି.ପ୍ର): ମାନ୍ୟବର ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ କ୍ରମେ ଓ ରାଜ୍ୟ ସରକାରଙ୍କ ନୀତିନିୟମକୁ ଆଧାର କରି ବାଲେଶ୍ୱର ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ନୀଳଗିରି ତହସିଲଦାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଦସ୍ତାବିଜକୁ ପାଥେୟ କରି ନୀଳଗିରି ଉପଜିଲ୍ଲାପାଳ କାଠଗୋଛି ପଥର ଖାଦାନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ସରକାରଙ୍କ ସମସ୍ତ ନିତୀନିୟମକୁ ମାନି କାର୍ଯ୍ୟ କରାଯାଉଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥପର ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି କିଛି ଗଣମାଧ୍ୟମର ପ୍ରତିନିଧି ବିଭ୍ରାନ୍ତିକର ଭିଜୁଆଲ ପ୍ରଦର୍ଶନ କରିଥିବା ବେଳେ ଆଜି ଏକ ପ୍ରେସମିଟରେ ନୀଳଗିରି ଖାଦାନ ଓ ପଥରଶିଳ୍ପ ସଂଗଠନର ସଭାପତି ଶାନ୍ତନୁ କୁମାର ମହାପାତ୍ର ଏହାକୁ ସଂପୂର୍ଣ୍ଣ ଖଣ୍ଡନ କରିବା ସହ କାଂଗୋଛି ପଥର ଖାଦାନରେ କୌଣସି ଅନିୟମିତତା କରାଯାଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟିକରଣ ରଖିଛନ୍ତି । ନୀଳଗିରି ଓ ମିତ୍ରପୁର କ୍ରସର ଓ ଖାଦାନ ସଂଘର ସଭାପତି ସୁଦ୍ଧାସିନ୍ଧୁ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କାଠଗୋଛି ପଥର ଖାଦାନରେ ବ୍ଲାଷ୍ଟିଂ ବାବଦରେ ଖବର ପରିବେଷଣକୁ ଖଣ୍ଡନ କରିବା ସହ ଉକ୍ତ ଖାଦାନ ପାଇଁ ବ୍ଲାଷ୍ଟିଂ ବାବଦରେ ଖବର ପରିବେଷଣକୁ ଖଣ୍ଡନ କରିବା ସହ ଉକ୍ତ ଖାଦାନ ପାଇଁ ବ୍ଲାଷ୍ଟିଂ ଅନୁମତି ଆସି ନାହିଁ । ବ୍ଲାଷ୍ଟିଂ କଲୁ କେମିତି ବୋଲି କହିବା ସହ ଅନ୍ୟତ୍ର ଭିଜୁଆଲକୁ ଆଣି ବଦନାମ ପାଇଁ ଚେଷ୍ଟା କରୁଛନ୍ତି । ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାକାର ଆଦିବାସୀମାନେ ମୁଖ୍ୟତଃ ପଥର ପତର ଉପରେ ନିର୍ଭର କରି ଆସୁଥିବା ବେଳେ ଅଞ୍ଚଳର କିଛି ସ୍ୱାର୍ଥପର ଲୋକ ଉକ୍ତ ପଥର ଖାଦାନକୁ ବନ୍ଦ କରିଦେବାର ଚକ୍ରାନ୍ତ କରୁଥିବାର ବାଲେଶ୍ୱର ଜିଲ୍ଲା ଟ୍ରକ ମାଲିକ ସଂଘର ସଂପାଦକ ପ୍ରଣବାନନ୍ଦ ଗୋସ୍ୱାମୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ନୀଳଗିରି ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଶିଶିର କୁମାର ରାଉତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଭୁଲ ନ୍ୟୁଜ ପରିବେଷଣ ନ କରି ତଥ୍ୟ ଭିତ୍ତିକ ନ୍ୟୁଜ ପରିବେଷଣ ପାଇଁ ଦିଗ୍‌ଦର୍ଶନ ଦେବା ସହ ଭିତ୍ତିହୀନ ନ୍ୟୁଜକୁ ଘୋର ନିନ୍ଦା କରିଥିଲେ । ସେହିପରି ମିତ୍ରପୁର ଟ୍ରକ ସଂଘର ସଂପାଦକ ଯତିନ୍ଦ୍ର ନାୟକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କାଠଗୋଛି ପଥର ଖାଦାନ ଉପରେ ପ୍ରକାଶିତ ଖବରକୁ ସଂପୂର୍ଣ୍ଣ ମିଥ୍ୟା ବୋଲି କହିବା ସହିତ ସରକାରଙ୍କର ଗାଇଡ ଲାଇନ ଅନୁଯାୟୀ ପଥର ଖାଦାନ କାର୍ଯ୍ୟ ଚାଲିଛି । ଏଥିରେ କୌଣସି ଅନିୟମିତତା ହୋଇ ନାହିଁ । ସେହିପରି ଉପସ୍ଥିତ ଥିବା ଅଗଣି ସାହୁ ବ୍ଲାଷ୍ଟିଂ ଅନୁମତି ଆସି ନ ଥିବା ବେଳେ ବ୍ଲାଷ୍ଟିଂ ହୋଇଥିବା ନେଇ ଅନ୍ୟତ୍ର ଖାଦାନର ଭିଜୁଆଲ ଆଣି ଟିଭିରେ ପରିବେଷଣ କରିବା ଘଟଣାକୁ ନିନ୍ଦା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଆଚାର୍ଯ୍ୟ, ଭଗବାନ ଦାସ, ନିତ୍ୟାନନ୍ଦ ମହାର୍ଣ୍ଣା, ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରଥମ ଥର ପାଇଁ ଦେଶବ୍ୟାପୀ ....

ମିଳିତ ଭାବେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ 'ଫିଟ୍ ଇଣ୍ଡିଆ କୁଇଜ୍' ଶୁଭାରମ୍ଭ କରାଯାଇଛି । ପାଠପଢା ସହ ଖେଳିବା ପାଇଁ ଭାରତ ସରକାର ବ୍ୟବସ୍ଥା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦(ଏନଇପି)ରେ ପାଠପଢ଼ା ସହ କ୍ରୀଡ଼ାକୁ ପ୍ରୋତ୍ସାହନ ତଥା ପିଲାଙ୍କ ଫିଟ୍ ରଖିବା ପାଇଁ ବ୍ୟବସ୍ଥା ହୋଇଛି । ଶିକ୍ଷା ଏବଂ କ୍ରୀଡା ମନ୍ତ୍ରଣାଳୟ ଆଗାମୀ ଦିନରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତବର୍ଷର ୧୦ କୋଟି ସ୍କୁଲ ଏବଂ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ବିଭିନ୍ନ ବିଭାଗରେ ବିଜେତା ସ୍କୁଲ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୩ କୋଟି ୨୫ ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ଆଣିବା ପାଇଁ ପ୍ରୋତ୍ସାହନ ଦିଆଯାଇଛି । କୋଭିଡ୍ ସମୟରେ ଆମେ କେତେ ଫିଟ୍ ରହିବା, ତାହା ଅଧିକ ପ୍ରାସଙ୍ଗିକ ହୋଇଥିଲା । ତେଣୁ ଛାତ୍ରଛାତ୍ରୀଙ୍କୁ ଫିଟ୍ ରଖିବା ପାଇଁ ବିଦ୍ୟାଳୟରୁ ପ୍ରୟାସ ଆରମ୍ଭ ହେବା ଦରକାର । ଭାରତ ସରକାର ଆଗାମୀ ଦିନ ପାଇଁ ପ୍ରସ୍ତୁତ କରୁଥିବା ଭିତିଭୂମିରେ ଛାତ୍ରଛାତ୍ରୀଙ୍କୁ ଖେଳ ସହ ସେମାନଙ୍କୁ ସୁସ୍ଥ ରଖିବା ସହ ସେମାନଙ୍କୁ ଆତ୍ମସମ୍ମାନର ସହ ରୋଜଗାର ଦେବ । ଏହି ପରିପ୍ରେକ୍ଷୀରେ ଆଜିର 'ଫିଟ୍ ଇଣ୍ଡିଆ କୁଇଜ' ଭଲ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ନୀତିଶ ପ୍ରମାଣିକ ଉପସ୍ଥିତ ରହିଥିବା ବେଳେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟୋକିଓ ଅଲମ୍ପିକରେ ପଦକ ବିଜେତା ନୀରଜ ଚୋପ୍ରା, ପିଭି ସିନ୍ଧୁ, ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## ବ୍ୟାଙ୍କ କର୍ମଚାରୀଙ୍କୁ ବାନ୍ଧି ଲୁଟ୍ ....

କରିଥିଲା, ହେଲେ ସବୁ କିଛି କଏଦ ହୋଇ ରହିଯାଇଥିଲା । ଲୁଟପାଟ କରି ଯେତେବେଳେ ଉମାଶଙ୍କର ଚମ୍ପଟ ମାରିବା ପାଇଁ ଉଦ୍ୟମ କରିଥିଲା, ସେତେବେଳେ ଚିତ୍କାର କରିଥିଲେ କର୍ମଚାରୀ । ଆଉ ନିକଟରେ ଥିବା ପଂଚମୁଖି ଗ୍ରୀନ୍ସ ଆପାର୍ଟମେଣ୍ଟର ସିକ୍ୟୁରିଟି ଏସବୁ ଜାଣିବା ପରେ ଲୁଟେରାକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ଆଉ ସେ ଖସିବାକୁ ଚେଷ୍ଟା କରିବାରୁ ତାକୁ ପିଛା କରିଥିଲା ସିକ୍ୟୁରିଟି ଗାର୍ଡ । ବଡ କଥା ହେଉଛି, ଅଭିଯୁକ୍ତ ପାଖରେ ଧାରୁଆ ଛୁରୀ ଓ ନକଲି ବନ୍ଧୁକକୁ ଖାତିର ନକରି ହିରୋ ସାଜି ଲୁଟେରାକୁ ଅଟକାଇବାକୁ ଚେଷ୍ଟା କଲେ ସିକ୍ୟୁରିଟି ଗାର୍ଡ । ଧସ୍ତାଧସ୍ତି ବି ଚାଲିଲା । ନିଜ ଜୀବନକୁ ଭୟ ନକରି ସାହାସିକତାର ପରିଚୟ ଦେଲେ । ଆଉ ଶେଷରେ ସ୍ଥାନୀୟ ଲୋକ ତାକୁ ପିଛା କରି ଚାଷ ଜମି ଭିତରୁ ଲୁଟେରାକୁ କାବୁ କରାଯାଇଥିଲା । ଉମାଶଙ୍କରକୁ ଗିରଫ କରିବା ପରେ ପୋଲିସ ଏହି ଲୁଟର ତଦନ୍ତ ଚଳାଇଛି । ହେଲେ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥା ଉପରେ କିନ୍ତୁ ପ୍ରଶ୍ନ ସୃଷ୍ଟି କରିଛି ।

# ସିବି ଶତପଥୀ କଲଚରାଲ ଫାଉଣ୍ଡେସନ ପକ୍ଷରୁ ୨୧ଟି ଅକ୍ସିଜେନ କନସଂଟ୍ରେଟର ପ୍ରଦାନ

ଭୁବନେଶ୍ୱର,୦୧/୦୯ (ନି.ପ୍ର): ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ମହନୀୟ ପ୍ରେରଣାରେ ଗଠିତ ସିବି ଶତପଥୀ କଲଚରାଲ ଫାଉଣ୍ଡେସନ, ଗୁରୁଗ୍ରାମ, ହରିୟାଣା ପକ୍ଷରୁ ରାଜ୍ୟରେ କୋଭିଡ୍ ଚିକିତ୍ସାର ସୁବିଧା ନିମନ୍ତେ ୨୧ଟି ଅକ୍ସିଜେନ କନସଂଟ୍ରେଟର ପ୍ରଦାନ କରାଯାଇଛି । ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ରାଜ୍ୟ ସରକାର କୋଭିଡ୍ ମୁକାବିଲା ଦିଗରେ ଭଲ କାର୍ଯ୍ୟ କରୁଛନ୍ତି । ସେ ନିଜେ ମଧ ଓଡ଼ିଶା ମାଟିର ସନ୍ତାନ ହୋଇଥିବାରୁ ଏ ଦିଗରେ ତାଙ୍କର ବି ଭୂମିକା ରହିଛି ମନେକରି ସେ ଏଥିପାଇଁ ହାତ ବଢ଼ାଇଥିବା କହିଥିଲେ । ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଲେ ଯେ କୋଭିଡ଼ର ତୃତୀୟ ଲହର ଆସିବା ଘେନି ଆଶଙ୍କା ହେଉଥିବା ସମୟରେ ଏହିସବୁ କନସଂଟ୍ରେଟର ପ୍ରାପ୍ତ ହେବା ଅତ୍ୟନ୍ତ ଉପଯୋଗୀ ମନେ ହୁଏ । ଗୁରୁଜୀଙ୍କର ଏହି ଅବଦାନ ରାଜ୍ୟ ସରକାରଙ୍କ ପାଇଁ ଆଶୀର୍ବାଦ ସଦୃଶ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ କୋଭିଡ୍ ଚିକିତ୍ସା କ୍ଷେତ୍ରରେ ଅମ୍ଳଜାନ ସ୍ତର କମିବା ଯୋଗୁ ରୋଗୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡୁଥିବାବେଳେ ଅକ୍ସିଜେନ କନସେଂଟ୍ରଟର ଆଶୁ ସହାୟତା ପ୍ରଦାନ କରିଥାଏ । ନୂଆଦିଲ୍ଲୀ ସ୍ଥିତ ଗୁରଗାଓଁ ଠାରୁ ଏହିସବୁ ଅକ୍ସିଜେନ କନସଂଟ୍ରେଟର ଭୁବନେଶ୍ୱର ଠାରେ ପହଂଚିବା ପରେ ଓଡ଼ିଶା ରାଜ୍ୟ ମେଡ଼ିକାଲ କର୍ପୋରେସନ ଲିଃକୁ ହସ୍ତାନ୍ତର କରାଯାଇଥିଲା । ଏଥିରେ ଓଡ଼ିଶା ରାଜ୍ୟ ମେଡ଼ିକାଲ କର୍ପୋରେସନ ଲିଃର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଆଇ.ଏ.ଏସ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଉପସ୍ଥିତ ରହି ଗୁରୁଜୀଙ୍କୁ ସ୍ୱାଗତ କରିଥିଲେ । ଉଲ୍ଲେଖନୀୟ ଯେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ସିବି ଶତପଥୀ କଲଚରାଲ ଫାଉଣ୍ଡେସନ ଏକ ଦାତବ୍ୟ ଅନୁଷ୍ଠାନ ଭାବେ ଶିକ୍ଷା, ସାହିତ୍ୟ, କଳା, ହସ୍ତଶିଳ୍ପ ଆଦି କ୍ଷେତ୍ରରେ ସାଂସ୍କୃତିକ ମୂଲ୍ୟବୋଧର ରକ୍ଷା ଓ ଉତଥାନ ନିମନ୍ତେ ଜାତୀୟ ସ୍ତରରେ କାର୍ଯ୍ୟ କରିଆସୁଛି । ନିକଟରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତିଙ୍କ ଚିକିତ୍ସା ନିମନ୍ତେ ଏହି ଫାଉଣ୍ଡେସନ ଏକଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲା ।

# ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଉଦଳା,୦୧/୦୯ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସେବା ଟ୍ରଷ୍ଟର ସଭାପତି ପ୍ରମିଳାପଣ୍ଡାଙ୍କ ନେତୃତ୍ୱରେ ବିଜ୍ଞାପିତ ଅଞ୍ଚଳ ପରିସଦ ତରଫରୁ ସହର ମଧରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରଭାତରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ସହର ମଧରେ ବିଭିନ୍ନ ବସ୍ତି ଅଞ୍ଚଳକୁ ସେବା ଟ୍ରଷ୍ଟର କର୍ମି ମାନେ ଯାଇ ଘର ଘର ବୁଲି ମାସ୍କ ବାଣ୍ଟିଥିଲେ । ସେବା ଟ୍ରଷ୍ଟର ସମ୍ପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା, ଆଇନଜୀବି ସତ୍ୟବ୍ରତ ମିଶ୍ର, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଆଇନଜୀବି ନିରାକାମର ମହାପାତ୍ର, ସାମାଜିକ କର୍ମୀ ମହେନ୍ଦ୍ର ମାର୍ଣ୍ଡି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଇନରହ୍ୱିଲ କ୍ଲବ ତରଫରୁ ନନ୍ଦ ଉତ୍ସବ ପାଳିତ



ଉଦଳା,୦୧/୦୯ (ନି.ପ୍ର): ଇନରହ୍ୱିଲ କ୍ଲବ ତରଫରୁ ନନ୍ଦ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି, ସମ୍ପାଦିକା ମିନାକ୍ଷୀ ପଟ୍ଟନାୟକ, ଉପସଭାପତି ମମତା ମହାନ୍ତି, ଏଡ଼ିଟର ପ୍ରମିଳା ପଣ୍ଡା, ଆଇ.ଏସ୍.ଓ. ଅରୁପମା ମହାପାତ୍ର, କୋଷାଧକ୍ଷ ଗୀତାଶ୍ରୀ ରାୟ, ସିସିସି ସୁଜାତା ବିଶ୍ୱାଳ, ପ୍ରେମଲତା ପଣ୍ଡା, ପ୍ରମୁଖ ଯୋଗ ଦେଇ ଶ୍ରୀକୃଷ୍ଣଙ୍କ ବାଲଗୋପାଲ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରିବା ସହିତ ଛୋଟ ଛୋଟ ପିଲା ମାନଙ୍କୁ ନିମନ୍ତ୍ରଣ କରିଆଣି ଶଙ୍ଖ, ଘଣ୍ଟା, ହୁଳହୁଳି ଧ୍ୱନି ସହିତ ବନ୍ଦାପନା କରିଥିଲେ । ପରେ ସମସ୍ତ ସଦସ୍ୟା ଶ୍ରଦ୍ଧାର ସହିତ ପିଲା ମାନଙ୍କୁ ଭୋଜନ କରାଇବା ସହ ଉପହାର ପ୍ରଦାନ କରିଥିଲେ । ପରିଶେଷରେ କୃଷ୍ଣଙ୍କର ଭଜନର ତାଳେ ତାଳେ କ୍ଲବର ସଦସ୍ୟା ମାନେ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ । କୃଷ୍ଣଙ୍କ ପରି ଏହି ପିଲାମାନେ ଆମ ଦେଶରେ ଧର୍ମରକ୍ଷା କରନ୍ତୁ ଏହାହିଁ ଈଶ୍ୱରଙ୍କ ନିକଟରେ କାମନା କରିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଗୋଟିଏ ଦିନରେ ୭୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୧/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୮୪୬୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୩୨୩୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୧୫୯ ରହିଛି । ଆଜି ଚିହ୍ନଟ ହୋଇଥିବା ୭୧୯ ଜଣଙ୍କ ମଧ୍ୟରୁ ୪୨୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୮୯, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୩ ଜଣ, ଯାଜପୁରରୁ ୨୭ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡିରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଛାତ୍ରୀବାସ ମରାମତିରେ ଅହେତୁକ ବିଳମ୍ବ : ସରକାରୀ ଗାଡ଼ି ଚାଳକ ମହାସଙ୍ଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର,୦୧/୦୯ (ନି.ପ୍ର): ବିଭିନ୍ନ ସରକାରୀ ବିଭାଗରେ ଗାଡ଼ି ଚଳାଉଥିବା ଚାଳକଙ୍କ ଅସୁରକ୍ଷିତ ଜୀବନ ଓ ଜୀବିକାକୁ ନେଇ 'ଓଡିଶା ଗାଡ଼ିଚାଳକ ମହାସଂଘ' ଉଦବେଗ ପ୍ରକାଶ କରିଛି । ମହାସଂଘର ବାଲେଶ୍ୱର ଜିଲା ଶାଖା କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ସ୍ଥିତିରେ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଭିନ୍ନ ସମୟରେ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା କାରଣରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ, ଗାଡ଼ି ରଖିବା ପାଇଁ ଏବଂ ଚାଳକଙ୍କ ବିଶ୍ରାମ ପାଇଁ ଉପଯୁକ୍ତ ସ୍ଥାନ ସହ ବିଶ୍ରାମାଗାର ଓ ଶୌଚାଳୟର ବ୍ୟବସ୍ଥା କରିବା, ୫୫ ବର୍ଷ କାର୍ଯ୍ୟ ପରେ ସମସ୍ତଙ୍କୁ ଭତ୍ତା ପ୍ରଦାନ, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଚାଳକଙ୍କ ପରିବାରକୁ ୨୦ ଲକ୍ଷ ଏବଂ ଅକ୍ରମଣ୍ୟ ହେଉଥିବା ଚାଳକଙ୍କୁ ୧୦ ଲକ୍ଷ ଟଙ୍କାର ବୀମାରାଶି ସହ ଉନ୍ନତମାନର ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ସଙ୍ଗଠନପକ୍ଷରୁ ଦାବି କରାଯାଇଛି। ପୂର୍ବରୁ ଏହି ଦାବି ସମ୍ପର୍କରେ ସରକାରଙ୍କ ସହ ଆଲୋଚନା ହୋଇଥିଲେ ବି ଅଦ୍ୟାବଧି କୌଣସି ସୁବିଧା ସୁଯୋଗ ମିଳିନଥିବା ମହାସଙ୍ଘର କର୍ମକର୍ତ୍ତାମାନେସୂଚନା ଦେଇଛନ୍ତି। ତେବେ ଆଗାମୀ ଦିନରେ ସରକାର ଏନେଇ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଭରତ କୁମାର ମଲିକ, ବାସୁଦେବ ସ୍ୱାଇଁ, ସୁବାସ ମଣ୍ଡଳ, ରାଜେନ୍ଦ୍ର ନାଥ ସାହୁ, ଚନ୍ଦନ ଭଟ୍ଟାଚାର୍ଯ୍ୟ, ବିଜୟ ବେହେରା, ହରିହର ଘଡାଇ, ପ୍ରଶାନ୍ତ ସାହୁ, ବାବୁନି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ସମାଜବାଦୀ ପାର୍ଟିର ପ୍ରତିବାଦ

ଭୁବନେଶ୍ୱର,୦୧/୦୯ (ନି.ପ୍ର): ୨୦୧୪ ମସିହାରେ ଅଚ୍ଛେଦିନର ପ୍ରତିଶ୍ରୁତି ଦେଇ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତା ଦଖଲ କରିଥିଲେ। ବିଜେପି ନେତୃତ୍ୱାଧୀନ ସରକାରରେ ପେଟ୍ରୋଲ୍, ଡିଜେଲ୍‌ଠାରୁ ଆରମ୍ଭ କରି ରନ୍ଧନଗ୍ୟାସ, ଚାଉଳ ଓ ଡାଲି, ଚିନି ଓ ଖାଇବା ତେଲ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହୁ ହୁ ହୋଇ ବଢିଚାଲିଛି । ବିଗତ ୧୫ ଦିନ ଭିତରେ କେବଳ ରନ୍ଧନଗ୍ୟାସ୍‌ର ଦର ୫୦ଟଙ୍କା ବଢିଛି । ୨୦୧୪ ମସିହାରେ ୪୮୪ ଟଙ୍କା ଥିବା ଗୋଟିଏ ଗ୍ୟାସ୍ ସିଲିଣ୍ଡରର ଦାମ୍ ଆଜି ଭୁବନେଶ୍ୱରରେ ୯୧୧ ଟଙ୍କା ପହଂଚିଛି । ଏହା ହାଣ୍ଡିଶାଳ ଉପରେ ମୋଦି ସରକାରଙ୍କର ଆକ୍ରମଣ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି । ଦରଦାମ୍ ବୃଦ୍ଧି ବିରୁଦ୍ଧରେ ସାଧାରଣ ମଣିଷର ଜୀବନ ଜୀବିକାର ସୁରକ୍ଷା ପାଇଁ ସମସ୍ତ ବାମ ଗଣତାନ୍ତ୍ରିକ ବିରୋଧି ଦଳ ଏକାଠି ହୋଇ ପ୍ରତିବାଦ କରିବାକୁ ଶ୍ରୀ ବେହେରା ନିବେଦନ କରିଛନ୍ତି।

## ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଘେରିଲେ ସହାୟକ ସେବିକା ପ୍ରଶିକ୍ଷାର୍ଥୀ



ବାଲେଶ୍ୱର,୦୧/୦୯ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସହାୟକ ସେବିକା ପ୍ରଶିକ୍ଷଣ କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ଛାତ୍ରୀମାନେ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ବୁଧବାର ଘେରାଓ କରିଥିଲେ। ଦୁଇ ବର୍ଷିଆ ଏଏନଏମ ପାଠ୍ୟକ୍ରମରେପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନଙ୍କ ରହିବା ପାଇଁ ବ୍ୟବହୃତ ଛତ୍ରୀବାସ ଦୁଇବର୍ଷ ପୂର୍ବରୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ମରାମତି ନହେବା କିମ୍ୱା ଛାତ୍ରୀବାସ ପାଇଁ ନୂଆ ଗୃହ ବ୍ୟବସ୍ଥା ନ ହେବାକୁ ନେଇ ଛାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୀର୍ଘଦିନ ଧରି ଘରେ ରହି ଅନଲାଇନ କ୍ଲାସ କରି ଆସୁଥିବା ଛାତ୍ରମୀନଙ୍କୁ ଏବେ ଅଫଲାଇନ କ୍ଲାସ ପାଇଁ ନିର୍ଦ୍ଦେଶ ହୋଇଥିବା ସେମାନେ କହିଛନ୍ତି। ଶେଷବର୍ଷ ଛାତ୍ରୀଙ୍କ ପରୀକ୍ଷାକୁ ଆଉ ମାତ୍ର ତିନି ମାସ ରହିଥିବା ବେଳେ ଏ ଯାବତ ସେମାନେ କୌଣସି ପ୍ରକାର ବ୍ୟବହାରିକ ପାଠପଢ଼ା 'ପ୍ରାକ୍ଟିକାଲ କ୍ଲାସ) କରି ନଥିବା ଅଭିଯୋଗ ଉଠାଇଛନ୍ତି। ପ୍ରଥମ ବର୍ଷର ପରୀକ୍ଷା ସମୟରେ ସାମୟିକ ଭାବେ ଛାତ୍ରୀବାସରେ ରହିବାକୁ କର୍ତ୍ତୃପକ୍ଷ ଅନୁମତି ଦେଇଥିବା ବେଳେ ଦ୍ୱିତୀୟ ବର୍ଷର ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଏଠାରେ ରହିବାକୁ ବାରଣ କରାଯାଇଥିବା ସେମାନେ କହିଛନ୍ତି। ସହାୟକ ସେବିକା ପ୍ରଶିକ୍ଷଣରେ ପ୍ରାକ୍ଟିକାଲ କ୍ଲାସ ମୁଖ୍ୟ ଉପାଦାନ ହୋଇଥିବା ବେଳେ କେବଳ ଅନଲାଇନ ପାଠପଢାରେ ସେମାନେ କିପରି ପ୍ରଶିକ୍ଷଣ ପାଇବେ ବୋଲି ଛାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପକ୍ଷରେ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଛାତ୍ରୀମାନଙ୍କ ସହ ଆଦୌ ସହଯୋଗ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ସେମାନଙ୍କ ପାଇଁ ଛାତ୍ରୀବାସ ବ୍ୟବସ୍ଥା ସହ ସଠିକ ଢଙ୍ଗରେ ଶିକ୍ଷାଦାନ ଜାରି ରଖିବା ପାଇଁ ପଦକ୍ଷେପ ନେବାକୁ ଧାରଣାରତ ଛାତ୍ରୀମାନେ ଦାବି କରିଛନ୍ତି । ତେବେ ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବଙ୍କୁ ପଚାରିବାରୁ ଛାତ୍ରୀମାନଙ୍କ ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା କହିଥିଲେ। ଉଭୟ ପ୍ରଶିକ୍ଷଣ କେନ୍ଦ୍ର ଓ ଛାତ୍ରୀବାସ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଏହାର କାର୍ଯ୍ୟ ଏବେ ଜାରି ରହିଥିବା ସେ ସୂଚନା ଦେଇଥିଲେ। ଅବାଶ୍ୟକ ପଡ଼ିଲେ ଅନ୍ୟ ଏକ ଭଡା ଘରେ ତୁରନ୍ତ ଛାତ୍ରୀବାସ ଭାବେ ବ୍ୟବହାର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମତି ଲୋଡ଼ା ଯାଇଥିବା ଡାକ୍ତର ଜଗଦେବ ପ୍ରକାଶ କରିଛନ୍ତି ।

## ଭଦ୍ରକ ଇସ୍କନ ମନ୍ଦିରରେ ଜନ୍ମାଷ୍ଟମୀ ଉପଲକ୍ଷେ ନନ୍ଦୋତ୍ସବ ଉଦ୍‌ଯାପିତ

ଭଦ୍ରକ,୦୧/୦୯ (ନି.ପ୍ର): ଆଜି ଭଦ୍ରକ ସହରର କୁଆଁସସ୍ଥିତ ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାବୃତ ସଂଘ ପକ୍ଷରୁ ଇସ୍କନ ମନ୍ଦିରରେ ୫୨୪୭ତମ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଓ ଗୋପାଳ ଜୀଉଙ୍କର ଜନ୍ମାଷ୍ଟମୀ ତଥା ନନ୍ଦୋତ୍ସବ ସହ ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦଙ୍କ ୧୨୫ତମ ଜନ୍ମ ଉତ୍ସବ ଯଥା ରୀତିନୀତି ଅନୁଯାୟୀ ପାଳିତ ହୋଇଛି। ମନ୍ଦିର ପରିଚାଳନା କମିଟିର ସକ୍ରୀୟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗୌରଦାଶ ବ୍ରହ୍ମଚାରୀ, ନାମାଚାର୍ଯ୍ୟ ଦାଶ ବ୍ରହ୍ମଚାରୀ, ହେମନ୍ତ ନାୟକ, ବିଜୟ ରାଉତ, ଉମାକାନ୍ତ ପଲାଇ, ଉଜ୍ୱଳ ସାହୁ ପ୍ରମୁଖଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ପ୍ରଭୁଙ୍କର ଅଧିବାସ, ମହାଭିଷେକ, ମହାଆରତୀ, କୃଷ୍ଣ କଥା ଶ୍ରବଣ, ହରିନାମ ସଂକୀର୍ତ୍ତନ ପରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଏହି ଉତ୍ସବଟି ସରକାରଙ୍କ କରୋନା ଜନିତ କୋଭିଡ୍-୧୯ ର ନିୟମ ଅନୁସାରେ ପାଳିତ ହୋଇଛି।

## ୫ ମାସ ଦରମା ନପାଇ ଆତ୍ମା କର୍ମଚାରୀ ହନ୍ତସନ୍ତ

### କୃଷି ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ଓ ନିର୍ଦ୍ଦେଶକଙ୍କୁ ଦାବୀପତ୍ର ପ୍ରଦାନ



ବାରିପଦା,୦୧/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ପ୍ରଜେକ୍ଟରେ ମୟୁରଭଞ୍ଜ ଜିଲ୍ଲାର ୨୬ ଟି ବ୍ଲକରେ ୮୭ ଜଣ ଓ ଜିଲ୍ଲା କାର୍ଯ୍ୟାଳୟରେ ଜଣେ କର୍ମଚାରୀ ବିଗତ ୨୦୧୨ ରୁ କାର୍ଯ୍ୟ କରି ଆସୁଛନ୍ତି । ତେବେ ଦୀର୍ଘ ୫ ମାସ ହେଲା ଏହି ୮୮ ଜଣ କର୍ମଚାରୀ ଦରମା ପାଇ ନଥିବା ଅଭିଯୋଗ ହୋଇଅଛି । କରୋନା ପରିସ୍ଥିତିରେ ଦରମା ନମିଳିବା ଫଳରେ କର୍ମଚାରୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷିରେ ଆଜି ସମସ୍ତ କର୍ମଚାରୀ ମାନେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଏବାବଦରେ ବିଧିବଦ୍ଧ ଆଲୋଚନା କରିବା ସହିତ ତାଙ୍କ ଜରିଆରେ ବିଭାଗୀୟ ନିର୍ଦ୍ଦେଶକ ଓ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କରୋନା ପରିସ୍ଥିତି ରେ ବାକି ଦରମା ତୁରନ୍ତ ପ୍ରଦାନ କରିବାକୁ କର୍ମଚାରୀ ମାନେ ଦାବି ଜଣାଇଛନ୍ତି । ସୂଚନା ଥାଉକି ଆତ୍ମାର କର୍ମଚାରୀ ମାନେ ଆତ୍ମା ପ୍ରଜେକ୍ଟ କାର୍ଯ୍ୟ ସହିତ ସରକାରଙ୍କ ଅନ୍ୟାନ୍ୟ ଲୋକାଭିମୁଖୀ କାର୍ଯ୍ୟକ୍ରମ ଯଥା କାଳିଆ, ବଳରାମ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଚାଷୀ ପଞ୍ଜିକରଣ, ଡିବିଟି, ପି.ଏମ. କିଶାନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଖାଦ୍ୟ ନିରାପତ୍ତା ମିଶନ, ପୂର୍ବ ଭାରତରେ ସବୁଜ ବିପ୍ଲବ, କୃଷକ ଓଡିଶା ଡାଟାବେସ ସହିତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଛନ୍ତି । ଏଭଳି ସ୍ଥିତିରେ କର୍ମଚାରୀ ମାନେ ୫ ମାସ ହେଲା ଦରମା ନପାଇବା ଦୂର୍ଭାଗ୍ୟ ଜନକ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ପ୍ରତାରିତ ଯୁବତୀଙ୍କୁ ମିଳିଲାନି ନ୍ୟାୟ : କେଶ ରୁଜୁ କରି ନୀରବରେ ବସିଛି ପୋଲିସ

ବାଲିଆପାଳ,୦୧/୦୯ (ନି.ପ୍ର): କୋର୍ଟରେ ବିବାହ କରି ୬ ମାସ ଧରି ଅନ୍ୟତ୍ର ସାଙ୍ଗରେ ରହିବା ପରେ ଜଣେ ଗରିବ ଦଳିତ ବର୍ଗର ଯୁବତୀଙ୍କୁ ପତ୍ନୀର ମାନ୍ୟତା ନ ଦେଇ କିମ୍ୱା ନିଜ ଘରକୁ ନ ନେବା ଘଟଣାରେ ଯୁବତୀ ଜଣଙ୍କ ସ୍ୱାମୀଙ୍କ ଘର ଆଗରେ ନ୍ୟାୟ ପାଇଁ ଦୁଇ ଦିନ ଧାରଣାରେ ବସିଥିଲେ। ଏହି ଘଟଣା ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ପ୍ରିଟିଂ ମିଡିଆରେ ପ୍ରକାଶିତ ହେବା ପରେ ବାଲିଆପାଳ ପୁଲିସ ଯୁବତୀଙ୍କ ସ୍ୱାମୀଙ୍କ ସମେତ ତାଙ୍କ ପରିବାରର ଅନ୍ୟ ୪ ଜଣ ସଦସ୍ୟଙ୍କଙ୍କ ନାମରେ ଗତ ଅଗଷ୍ଟ ୧୯ ତାରିଖରେ ଥାନା କେଶନଂ ୧୪୦/୨୧ରେ ବିଭିନ୍ନ ସଂଗୀନ ଦଫାରେ ମାମଲା ରୁଜୁ କରିଛି । ତେବେ ଇତି ମଧ୍ୟରେ ଘଟଣାକୁ ୧୩ ଦିନ ପୁରିଥିଲେ ମଧ୍ୟ ପୁଲିସର ନିରବତା ସମସ୍ତଙ୍କୁ ଆଚାର୍ଯ୍ୟଜନିତ କରିଛି । ଅଭିଯୁକ୍ତମାନେ ଖୋଲା ଖୋଲି ବୁଲୁଥିବା ଏବଂ ହାଇକୋର୍ଟରୁ ଆଗୁଆ ଜାମିନ ପାଇଁ ଉଦ୍ୟମ କରୁଥିବାରୁ ପୁଲିସ ସମୟ ଗଡାଇ ସସେମାନଙ୍କୁ ସହାୟତା କରୁଥିବାର ଅଭିଯୋଗ ହୋଇଛି । ଏହି ଘଟଣାରେ ମର୍ମାହତ ଯୁବତୀ ଜଣଙ୍କ ଆଗାମୀ ୭ ଦିନ ଭିତରେ ତାଙ୍କୁ ନ୍ୟାୟ ନ ମିଳିଲେ ବାଲେଶ୍ୱର ଏସପିଙ୍କ ଅଫିସ ଆଗରେ ଧାରରଣାରେ ବସିବେ ବୋଲି ଆଜି ଚେତାବନୀ ଦେଇଛନ୍ତି । ସୂଚନା ଅନୁସାରେ ବାଲିଆପାଳ ଥାନା ଜମ୍ବିରାଇ ଗ୍ରାମର ବିଜୟ ବରଙ୍କ ଝିଅ ରଞ୍ଜିତା ବର ଦୁଇ ବର୍ଷ ତଳେ ଫଂଚୁପାଲି ଗିରି ମାର୍କେଟରେ ଥିବା ଶରତ କୁମାର ଗିରିଙ୍କ ଲୁଗା ଦେକାନରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢିଉଠିଥିଲା । ଶରତ ରଞ୍ଜିତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ରଞ୍ଜିତା ଦଳିତ ସଂପ୍ରଦାୟର ହୋଇଥିବାରୁ ରାଜି ହୋଇନଥିଲେ । ଶରତ ତାଙ୍କୁ ବୁଝାସୁଜା କରି ଦଳିତ ଜାତିରେ ବିବହା କଲେ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ମିଳିବ ବୋଲି କହି ସେଥିରେ ଭଲ ବ୍ୟବସାୟ କରି ଭଲରେ ଚଳିବେ ବୋଲି ବୁଝାଇଥିଲେ । ରଞ୍ଜିତା ତାଙ୍କ କଥାରେ ରାଜି ହେବାରୁ ଗତ ୬/୧୦ ୨୦୨୦ରେ ବାଲିଆପାଳ ସବରେଷ୍ଟ୍ରି ଅଫିସରେ ଦୁହିଁଙ୍କର ରେଜଷ୍ଟ୍ରି ବିବାହ ହୋଇଥିଲା । ତେବେ ଏହି ଘଟଣା ପ୍ରଘଟ ହେବାରୁ ଶରତଙ୍କ ପରିବାର ପକ୍ଷରୁ ରଞ୍ଜିତାଙ୍କ ଜୀବନ ପ୍ରତି ବିପଦ ଥିବା ଦେଖି ସ୍ୱାମୀ ଶରତ ତାଙ୍କୁ ବାଲେଶ୍ୱର ନେଇ ଏକ ଭଡାଘରେ ରଖିଥିଲେ। ସେଠାରେ ୬ ମାସ ଏକତ୍ର ରହିବା ପରେ ଗତ ୧୧/୪/୨୦୨୧ରେ ରଞ୍ଜିତାଙ୍କୁ ଆଣି ତାଙ୍କ ବାପ ଘରେ ଛାଡିଦେଇଥିଲେ। ରଞ୍ଜିତା ସ୍ୱାମୀଙ୍କ ଘରକୁ ଯିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ନେଉନଥିଲେ। ଶେଷରେ ଗତ ଅଗଷ୍ଟ ୧୮ ତାରିଖରେ ରଞ୍ଜିତା ସ୍ୱାମୀଙ୍କ ଘରକୁ ପ୍ରବେଶ କରିବାକୁ ଉଦ୍ୟମ କରିବାକୁ ତାଙ୍କ ସ୍ୱାମୀ ସମେତ ପରିବାରର ଅନ୍ୟ ସଦସ୍ୟମାନେ ବିରୋଧ କରିଥିଲେ। ସେ ନ୍ୟାୟ ପାଇଁ ସ୍ୱାମୀଙ୍କ ଘର ଆଗରେ ଧାରଣାରେ ବସିବା ପରେ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ଲିଖିତ ଅଭିଯୋଗ କରିଥିଲେ । ତେବେ ଶରତଙ୍କ ପରିବାର ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ପଇସା ବାଲା ଲୋକ ହୋଇଥିବାରୁ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଭୟ କରୁଥିବା ରଞ୍ଜିତାଙ୍କ ବାପା ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତଦନ୍ତ ଦାୟିତ୍ୱରେ ଥିବା ବସ୍ତା ଏସଡିପିଓ ରଣଧର ଜାଲିଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ ମୁଖ୍ୟ ଅଭିଯୁକ୍ତ ଶରତ ଏବେ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରୁନାହିଁ। ସୁପ୍ରିମ କୋର୍ଟ ଗାଇଡଲାଇନ ଅନୁଯାୟୀ ଅନ୍ୟ ସହ ଅଭିଯୁକ୍ତ ମାନଙ୍କୁ ଗିରଫ କାରଯାଇପାରିବ ନାହିଁ । ଅନ୍ୟ ପକ୍ଷରେ ରଞ୍ଜିତା ଦଳିତ ଜାତିରେ ହୋଇଥିବାରୁ ତାଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଦେବାର ବ୍ୟବସ୍ଥା କରାଯାଉଥିବା ଶ୍ରୀ ଜାଲି କହିଥିଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର,୦୧/୦୯ (ନି.ପ୍ର): ଜିଲା ସଡକ ସୁରକ୍ଷା କମିଟି ବୈଠକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବଙ୍କ ସମେତ ପୁଲିସ ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ଦ୍ୱାରା ଗତ ମାସର ବୈଠକର ବିବରଣୀ ଉପସ୍ଥାପନ ସହ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଟ୍ରାଫିକ ନିୟମ ଶତପ୍ରତିଶତ ପାଳନ ସାଙ୍ଗକୁ ବାମପଦା ଛକଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା, ଆସନ୍ତା ସପ୍ତାହରୁ ବାଲେଶ୍ୱର ସହରରେ ପୂର୍ଣ୍ଣ ମାତ୍ରାରେ ସିସିଟିଭି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ପୁଲିସକୁ ନିର୍ଦ୍ଧାରିତ ୫୦ଟି ବାରିକେଡ ଯୋଗାଇଦେବା, ସୋର ଅନନ୍ତପୁର ରାସ୍ତାରେ ଉପଯୁକ୍ତ ସାଇନେଜ ବ୍ୟବସ୍ଥା କରିବା, ଜିଲ୍ଲା ସଦର ମହକୁମାର ପ୍ରତି ସରକାରୀ ଅଫିସ ପ୍ରବେଶ ଦ୍ୱାରରେ "ହେଲମେଟ୍ ବିନା ପ୍ରବେଶ ନିଷେଧ" ବୋର୍ଡ ଲଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରେମୁଣା ଗୋଲେଇ ନିକଟସ୍ଥ ଜାତୀୟ ରାଜପଥର ଦୁଇପାଖରେ ଛିଡା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଟ୍ରକ ଓ ଅନ୍ୟ ଗାଡି ସବୁକୁ ଫୁଲାଡି ନିକଟରେ ପାର୍କିଂ କରାଯିବା ପାଇଁ ପ୍ରାୟ ୫ ଏକର ଜାଗା ଚିହ୍ନଟ ପ୍ରକ୍ରିୟା ସରିଥିବା ବେଳେ କମିଟି ରିପୋର୍ଟ ଆଧାରରେ ଖୁବ୍ ଶୀଘ୍ର ପରବର୍ତ୍ତୀ ପଦକ୍ଷେପ ନିଆଯାଇ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଜିଲାର ଦୁର୍ଘଟଣା ପ୍ରବଣ ସ୍ଥାନ ଅନୁଧ୍ୟାନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ଏକ ଉଚ୍ଚସ୍ତରୀୟ ଟିମ ଆସନ୍ତା ୧୪ତାରିଖ ଦିନ ବାଲେଶ୍ୱର ଆସିବାର କାର୍ଯ୍ୟକ୍ରମ ରହିଛି।

## ପେସାଗ୍ରାମ ସଭା ପକ୍ଷରୁ ୧୨ ଘଂଟିଆ ମୟୂରଭଂଜ ବନ୍ଦ

### ଆସିବାସୀଙ୍କ ଜାହିରାପୀଠ ବିବାଦକୁ ନେଇ ହୋଇଥିଲା ବନ୍ଦ ପାଳନ



ବାରିପଦା,୦୧/୦୯ (ନି.ପ୍ର): ଆଦିବାସୀ ମାନଙ୍କ ପୂଜାସ୍ଥଳ ଜାହିରାକୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ଆଜି ପେସା ଗ୍ରାମସଭା ପକ୍ଷରୁ ଦିଆଯାଇଥିବା ୧୨ ଘଂଟିଆ ମୟୂରଭଂଜ ବନ୍ଦ ଡାକରା ଅଂଶିକ ସଫଳ ହୋଇଥିବାର ଦେଖା ଯାଇଛି । ପ୍ରକାଶ ଥାଉକି ଗତ ତା ୦୯/୦୫/୨୦୨୧ରିଖ ଉଦଳା ଉପଖଣ୍ଡ ଶିରିପୁର ଗ୍ରାମର ଲୋକମାନେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଜାହିରା ପୂଜା ପୀଠରେ ବେଆଇନ ଭାବେ ପ୍ରବେଶ କରି ଦେବାଦେବୀଙ୍କ ପ୍ରତିମୂର୍ତୀ ଗୁଡିକୁ ଭାଙ୍ଗିବା ସହିତ ଜାଳି ଦେଇଥିଲେ ଏବଂ ପୂଜା ସ୍ଥଳରେ ପରିସ୍ରା କରି ଥିବା ଅଭିଯୋଗ ହୋଇଥିଲା । ଏବାବଦରେ ଆଦିବାସୀ ସମ୍ପ୍ରଦାୟର ଲୋକେ ମୁଖ୍ୟ ମନ୍ତ୍ରୀ, ଜିଲ୍ଲାପାଳ, କପ୍ତିପଦା ଜପଜିଲ୍ଲାପାଳ ଏବଂ ପୋଲିସ ଅଧିକାରୀ ମାନଙ୍କୁ ଅଭିଯୋଗ ଜଣାଇ ଥିଲେ ମଧ୍ୟ ଏହି ବିବାଦର ସମାଧାନ ନହେବାରୁ ଜିଲ୍ଲାର ଆଦିବାସୀ ସମାଜ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଏହାଦ୍ୱାରା ଭାରତୀୟ ସମ୍ବିଧାନ ଧାରା ୨୫ ଏବଂ ଧାରା- ୨୬ର ଖୋଲା ଉଲଘନ କରାଯାଇ ଆଦିବାସୀ ସମାଜକୁ ସମ୍ବିଧାନିକ ମୌଳିକ ଅଧିକାରରୁ ବଂଚିତ କରାଯାଉଥିବାର ଅଭିଯୋଗ କରି ମଙ୍ଗଳବାର ପେସା ଗ୍ରାମସଭା ପକ୍ଷରୁ ସକାଳ ୬ ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଂଟିଆ ମୟୂରଭଂଜ ବନ୍ଦ କରାଯାଇଥିଲା । ତେବେ ଆଜିର ବନ୍ଦ ପାଳନ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛକ ବଜାରରେ ରାସ୍ତା ଅବରୋଧ କରାଯାଇ ଗାଡିମଟର ଅଟକ ରଖାଯିବା ସହିତ ବାରିପଦାର ମୁର୍ଗାବାଡି ଗୋଲେଇ ଓ ପାଲବଣି ଗୋଲେଇ ଠାରେ ଜାତୀୟ ରାଜପଥରେ ଗାଡିମଟର ଗୁଡିକ ଅଟକ ରଖା ଯାଇଥିଲା । ପେସା ଗ୍ରାମ ସଭାର ସଦଶ୍ୟ ମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ବନ୍ଦର ପ୍ରଭାବରେ ବହୁ ଯାତ୍ରୀବାହୀ ବସ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ବେଳେ ବାଟରେ ଅଟକି ରହିବାରୁ ଯାତ୍ରୀ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଥିବାର ଦେଖା ଯାଇଛି । ରେବେ ଜିଲ୍ଲା ପ୍ରସାଶନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପେସା ଗ୍ରାମସଭାର ପ୍ରତିନିଧି ଦଳ ସହ ଆଲୋଚନା କରିବା ପରେ ବିକ୍ଷୋଭରୁ ହଟିଥିଲେ ଆନ୍ଦୋଳନ କାରୀ ମାନେ । ଏହି ବନ୍ଦ ପାଳନରେ ପେସା ଗ୍ରାମସଭାର ସଭାପତି ପାଣ୍ଡୁରାମ ହେମ୍ବ୍ରମ, ସମ୍ପାଦକ ନନାରାମ ମୁର୍ମୁ, ସହ ସମ୍ପାଦକ ସୁରେନ୍ଦ୍ର ସୋରେନ, ଫଂଚୁ ଟୁଡୁ, ଦୁର୍ଗାଚରଣ ମାରାଣ୍ଡି ପ୍ରମୁଖ ବହୁ ସଦଶ୍ୟ ଓ କର୍ମକର୍ତା ମାନେ ସାମିଲଥିଲେ ।

## ଦାଦାବଟି ଆଦାୟ ଅଭିଯୋଗରେ ଗିରଫ

ପୁରୀ,୦୧/୦୯ (ନି.ପ୍ର): ଦାଦାବଟି ଆଦାୟ ଅଭିଯୋଗରେ ତାଳବଣିଆ ଥାନା ପୁଲିସ ବାଲିଘାଟ କଣ୍ଢେଇ ଫ୍ୟାକ୍ଟୋରି ଲେନ୍‌ର ପଞ୍ଚୁ ଓରଫ ଶ୍ରୀକାନ୍ତ ସ୍ୱାଇଁ (୩୨)କୁ ଗିରଫ କରିଛି। ଗତକାଲି ସନ୍ଧ୍ୟାରେ ଏଏସ୍‌ଆଇ କେ ବେହେରା ଅନ୍ୟବିଭାଗୀୟ କର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ବାଲିଘାଟ ଛକର ବ୍ୟବସାୟୀମାନଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରାଯାଉଥିବା ସୂଚନା ପାଇଥିଲେ। ସୂଚନା ଆଧାରରେ ଘଟଣାସ୍ଥଳରେ ଚଢାଉବେଳେ ଅଭିଯୁକ୍ତ ପଞ୍ଚୁକୁ ଧରିଥିଲେ। ଯାଞ୍ଚ ବେଳେ ତା ନିକଟରୁ ଏକ ଛୁରୀ ଓ ନଗଦ ୮୫୦ ଟଙ୍କା ଜବତ କରାଯାଇଥିଲା। ଏଏସ୍‌ଆଇ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ଭାରତୀୟ ଦଣ୍ଡବିଧିଆଇନ୍‌ର ୩୮୬ ଓ ୩୮୭ ଧାରରେ ଥାନାରେ୧୧୫/୨୧ରେ ମାମଲା ରୁଜୁ କରି ଗତକାଲି ପଞ୍ଚୁକୁ ଗିରଫ କରାଯାଇଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ଓ ତା' ନାମରେ ସଦର ଓ ସହରର ବିଭିନ୍ନଥାନାରେ ୧୧ ଟି ମାମଲା ଥିବା ତାଳବଣିଆ ଥାନା ଅଧିକାରୀ ସୁଜିତ ଦାସ କହିଛନ୍ତି।

ନାମଲେଖା ଆରମ୍ଭ
୨୦୨୧-୨୨ ଶିକ୍ଷାବର୍ଷ ପାଇଁ...
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର ।
ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷାନୁଷ୍ଠାନ (ଶିକ୍ଷାଦାନ ସାଙ୍ଗକୁ ସଙ୍ଗୀତ, ନୃତ୍ୟ, କମ୍ପ୍ୟୁଟର ଏବଂ ଚିତ୍ରକଳା)ର ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଶତକଡ଼ା ୨୫ଭାଗ (୨୫%) ପିଲାଙ୍କୁ ବିଦ୍ୟାଳୟ ଦେୟ ଦେବାକୁ ପଡ଼ିବ ନାହିଁ ।
ଯୋଗାଯୋଗ : ୯୭୭୮୫୬୦୯୭୪/୯୪୩୭୨୫୬୬୮୫

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo